## କ୍ଲଷ୍ଟରସ୍ତରୀୟ ମାସିକ ବୈଠକ

ଚାନ୍ଦବାଲି,୧୫।୨(କିଷାନ ପାତ୍ର)

ଚାନ୍ଦବାଲି ବ୍ଲକ ଗୋପାଳପୁର କ୍ଲଷ୍ଟର ଅଧୀନ କୁଞ୍ଜକାଳିକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ୯ମ ମାସିକ ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ସିଆର୍‌ସିସି ତପନ ସାହୁ ଏଥିରେ ସଭାପତିତ୍ୱ କରିଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ମମତା ନାୟକ ଉଦ୍‌ଘାଟନ କରିଥିଲେ। ୧୫ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସହକାରୀ ଶିକ୍ଷୟିତ୍ରୀ ଶିକ୍ଷକ ବୈଠକରେ ଯୋଗ ଦେଇଥିଲେ। ଶିକ୍ଷୟିତ୍ରୀ ଶିକ୍ଷକଙ୍କ ବୃତ୍ତିଗତ ଦକ୍ଷତା ବିକାଶ ଓ ଶିକ୍ଷଣ ପ୍ରକ୍ରିୟା, ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ବୋଲି କୁହାଯାଇଥିଲା। ବିଦ୍ୟାଳୟ ସ୍ତରରେ ନିପୁଣ ଓଡ଼ିଶା ମିଶନ, ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଏବଂ ଏହାର କାର୍ଯ୍ୟାନ୍ୱୟନର ବିଭିନ୍ନ ଦିଗ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ପ୍ରଧାନ ଶିକ୍ଷକ ବିଜୟ ଖଟୁଆ, ଗଙ୍ଗାଧର ସେଠୀ, ମାୟାଧର ସାହୁ, ସୂର୍ଯ୍ୟକାନ୍ତ ସେଠୀ, ଆଲୋକ କୁମାର ଦାସ, ବିଚିତ୍ର ପାତ୍ର, ସୁରଥ ନାଏକ, ମନସ୍ୱିନୀ ପାଣି, ସମିତା ଦାସ ପ୍ରମୁଖ ସହଯୋଗ କରିଥିଲେ।

# ଇ-କେୱାଇସି ପାଇଁ ଉପଭୋକ୍ତା ହୀନସ୍ତା

## ସାରା ରାତି ଠିଆ ହେବାକୁ ପଡୁଛି ଧାଡ଼ିରେ



କେୱାଇସି ପାଇଁ ଉପଭୋକ୍ତାମାନେ ବ୍ୟାଙ୍କ ଆଗରେ ଧାଡ଼ିରେ ଛିଡ଼ା ହୋଇଛନ୍ତି।

ସାବରଙ୍ଗ,୧୫।୨(କାଳିପଦ ରାୟ)

ବାସୁଦେବପୁର ପୌରପାଳିକାରେ ଥିବା ଷ୍ଟେଟ୍ ବ୍ୟାଙ୍କ ଶାଖାରେ ଇ-କେୱାଇସି ପାଇଁ ପ୍ରତ୍ୟେହ ଉପଭୋକ୍ତାମାନେ ହୀନସ୍ତା ହେଉଛନ୍ତି। ବାସୁଦେବପୁର ବ୍ଲକର ୩୬ ପଞ୍ଚାୟତ ସହ ଚାନ୍ଦବାଲି ଓ ବାଲେଶ୍ୱର ଜିଲା ସୋର ବ୍ଲକର ଲକ୍ଷାଧିକ ଉପଭୋକ୍ତା ଏହି ବ୍ୟାଙ୍କ ଉପରେ ନିର୍ଭର କରନ୍ତି। ବିଭିନ୍ନ ସରକାରୀ ଯୋଜନାରେ ଇ-କେୱାଇସି କରିବାକୁ ପଡ଼ିଥାଏ। ଏନେଇ ଉପଭୋକ୍ତାମାନେ ଧାଡ଼ିରେ ଛିଡ଼ାହୋଇ ନିଜର କେୱାଇସି ଅପଡେଟ୍ କରିଥାନ୍ତି। ହେଲେ କିଛି ମାସ ହେଲା ଏହି ବ୍ୟାଙ୍କ ଶାଖାରେ କେୱାଇସି ଅପ୍‌ଡେଟ୍ ପାଇଁ ଲୋକଙ୍କୁ ଅପରାହ୍ଣ ୫ଟାରୁ ଭୋର ୪ଟା ପର୍ଯ୍ୟନ୍ତ ଅର୍ଥାତ୍ ରାତିସାରା ଧାଡ଼ିରେ ଛିଡ଼ା ହେବାକୁ ପଡୁଛି। ପୂର୍ବରୁ ଶହେରୁ ଅଧିକ ଲୋକଙ୍କର କେୱାଇସି ଅପଡେଟ୍ ହେଉଥିବା ବେଳେ ଏବେ ୪୦ ଜଣଙ୍କର ଇ-କେୱାଇସି ଅପଡେଟ୍ ହେଉଛି। ଫଳରେ ଛାତ୍ରୀଛାତ୍ର, ମହିଳା ଓ ବୟସ୍କ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାତିରେ ମହିଳା, ଯୁବତୀ ଓ ବୃଦ୍ଧାମାନେ ଶୀତ କାକର, ମଶାରେ ପଡ଼ି ରହୁଛନ୍ତି। ଏନେଇ ବ୍ୟାଙ୍କର ମୁଖ୍ୟ ପରିଚାଳକ ସୁରଜିତ୍ ସାହୁ କହିଛନ୍ତି, କର୍ମଚାରୀ ଅଭାବରୁ ପ୍ରତ୍ୟେହ ଅଧିକ କେୱାଇସି ଅପ୍‌ଡେଟ୍ କରି ହେଉନାହିଁ। ଆଗାମୀ ଦିନରେ ଏହାର ସମାଧାନ କରାଯିବ।

## 'ବୈଜ୍ଞାନିକ ପ୍ରତିଭା ପରିପ୍ରକାଶର ମାଧ୍ୟମ ବିଜ୍ଞାନ ମେଳା'



ବିଜ୍ଞାନ ପ୍ରକଳ୍ପ ପରିଦର୍ଶନ କରୁଛନ୍ତି ଅତିଥି ଓ ବିଚାରକ।

ଭଦ୍ରକ,୧୫।୨(ସନାତନ ରାଉତ)

ବନ୍ତ ବ୍ଲକର ଆଡ଼ିଆସ୍ଥିତ ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲରେ ଶନିବାର ପୂର୍ବାହ୍ଣ ୧୧ଟାରେ ବିଦ୍ୟାଳୟସ୍ତରୀୟ ବିଜ୍ଞାନ ମେଳା ଓ ପୁରସ୍କାର ବିତରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିକ୍ଷକ ଜଗନ୍ନାଥ ମଲ୍ଲିକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ କାଳନ୍ଦୀ ଚରଣ ଖୁଣ୍ଟିଆ ଯୋଗଦେଇ କହିଥିଲେ, ପିଲାମାନଙ୍କ ମଧ୍ୟରେ ବୈଜ୍ଞାନିକ ପ୍ରତିଭା ଲୁଚି ରହିଛି। ଏହାର ପରିପ୍ରକାଶ ପାଇଁ ବିଜ୍ଞାନ ମେଳା ଏକ ମାଧ୍ୟମ। ଅନ୍ୟତମ ଅତିଥି ଭାବେ ସରପଞ୍ଚ ମୀନାକୁମାରୀ ଜେନା, ଆଡ଼ିଆ ଉଚ୍ଚ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ରବୀନ୍ଦ୍ର ପ୍ରସାଦ ନନ୍ଦ, ବସନ୍ତ କୁମାର ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ। ୬ଷ୍ଠ ଓ ୭ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ଦ୍ୱାରା ୨୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ବିଜ୍ଞାନ ଶିକ୍ଷକ ନନ୍ଦ ପ୍ରକଳ୍ପ ମୂଲ୍ୟାୟନ କରିଥିଲେ। ୭ମ ଶ୍ରେଣୀ ଛାତ୍ରୀ ଆରାଧ୍ୟା କ୍ରିଷ୍ଣା ବିଶ୍ୱାଳ ଓ ଆଲିସା ନାୟକ ଯୁଗ୍ମ ପ୍ରଥମ ହୋଇଥିବା ବେଳେ ବିଶ୍ୱବନ୍ଦିତା ରାଉତ ୨ୟ, ସାଇଶୁଭଶ୍ରୀ ସାହୁ ଓ ସୁନାରାଣୀ ସାମଲ ଯୁଗ୍ମ ୩ୟ ହୋଇଥିଲେ। ସେହିପରି ୬ଷ୍ଠ ଶ୍ରେଣୀର ତନ୍ମୟ ବେହେରା ଓ ପ୍ରଜ୍ଞାନ କୁମାର ଜେନା ଯୁଗ୍ମ ପ୍ରଥମ ହୋଇଥିବା ବେଳେ ଲେସ୍‌ଲି ଖୁଣ୍ଟିଆ ଏବଂ ଓମ୍‌ପ୍ରକାଶ ଦାସ ଯୁଗ୍ମ ୨ୟ, ହିମାଂଶୁ ରଞ୍ଜନ ଜେନା ୩ୟ ହୋଇଥିଲେ। ବିଜ୍ଞାନ ମେଳା ଓ ପୂର୍ବରୁ ଅନୁଷ୍ଠିତ ବାର୍ଷିକ କ୍ରୀଡ଼ାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟକ୍ଷ ହରିହର ଜେନାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପୁଷ୍ପା ସାହୁ, ଅସଶୀ ରାଉତ, ରଶ୍ମିରେଖା ପାତ୍ର, ସ୍ୱର୍ଣ୍ଣପ୍ରଭା ନାୟକ, ଦେବୀଚନ୍ଦ୍ରିକା ନାୟକ, ତପସ୍ୱିନୀ ଜେନା, ଶ୍ରୀଧର ସେଠୀ, କାଶୀନାଥ ଆଇଚ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ପରିଚାଳନା କରିଥିଲେ।

## 'କୁମ୍ଭମେଳା ଓ ପ୍ରୟାଗରାଜ' ସମ୍ପର୍କିତ ଆଲୋଚନାଚକ୍ର

ଭଦ୍ରକ, ୧୫।୨ (ରବିନାରାୟଣ ଖିଲାର)

ସ୍ଥାନୀୟ ଲୋକନାଥ ମନ୍ଦିର ପ୍ରାଙ୍ଗଣରେ ମହିଳା ସଙ୍ଗଠନ ଭୂମିକନ୍ୟା ପକ୍ଷରୁ ଶନିବାର ଅପରାହ୍ଣ ୫ଟାରେ 'କୁମ୍ଭମେଳା ଓ ପ୍ରୟାଗରାଜ' ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ସଂଯୁକ୍ତା ବଳ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସଂଯୁକ୍ତା ଯାଦବ ଏବଂ ସମ୍ମାନିତ ଅତିଥି ଭାବେ ଶିକ୍ଷୟିତ୍ରୀ ଶାନ୍ତିଲତା ବାରିକ, ସମ୍ପାଦିକା ଦମୟନ୍ତୀ ରାଉତ, କବୟିତ୍ରୀ ମମତା ବଳ, ସାମାଜିକ କର୍ମୀ ରଶ୍ମିତା ମିଶ୍ର, ଖବରଦାତା ପ୍ରଦୀପ ବଳ ପ୍ରମୁଖ ଯୋଗ ଦେଇଥିଲେ। ଭବ୍ୟ କୁମ୍ଭରେ ବୁଡ଼ ଦେବା ସମୟରେ ଶ୍ରଦ୍ଧାଳୁ କିପରି ଆନନ୍ଦ ଲାଭ କରନ୍ତି, କୁମ୍ଭ ମେଳାରେ ଗରୁଡ଼ ପୁରାଣ ପାଠ ଦ୍ୱାରା ଜଣେ ମୋକ୍ଷ ପ୍ରାପ୍ତ ହେବା ସହ ଜୀବନ ଦିବ୍ୟତାରେ ଭରିଯାଏ। ପୁରାଣ ଓ ଆଧ୍ୟାତ୍ମିକ କଥାବସ୍ତୁ ଏହି ଶିକ୍ଷା ଦିଏ ଯେ ସତ୍ କାର୍ଯ୍ୟରେ ଏବଂ ସଂସାରର ମଙ୍ଗଳ ସାଧନ ନିମିତ୍ତ କାର୍ଯ୍ୟ କଲେ ଭଗବାନଙ୍କ ଆଶୀର୍ବାଦ ମିଳିଥାଏ। ସମାଜ କଲ୍ୟାଣ ଓ ଜଗତ କଲ୍ୟାଣ ସହ ଲୋକ କଲ୍ୟାଣ ଦ୍ୱାରା ଜୀବନର ଅସଲ ମୋକ୍ଷ ପ୍ରାପ୍ତ ହୁଏ ବୋଲି ତାତ୍ତ୍ୱିକ ଆଲୋଚନା ଏହି ଆଧ୍ୟାତ୍ମିକ ବାର୍ତ୍ତା ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଶିକ୍ଷୟିତ୍ରୀ ତୃପ୍ତି ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପଲ୍ଲିଶ୍ରୀ ମେଳାରେ ୨୪୦ ଷ୍ଟଲ୍



ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଜମିଛି।

ଭଦ୍ରକ,୧୫।୨(ସନାତନ ରାଉତ)

## ଭଦ୍ରାୟଣୀର ୨ୟ ସନ୍ଧ୍ୟାରେ ଅସମ୍ଭାଳ ଭିଡ଼

ଭଦ୍ରକ ଜିଲା ମହୋତ୍ସବ 'ଭଦ୍ରାୟଣୀ'ର ୨ୟ ସନ୍ଧ୍ୟାରେ ଶୁକ୍ରବାର ପଲ୍ଲିଶ୍ରୀ ମେଳାର ବିଭିନ୍ନ ଷ୍ଟଲରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ସେହିପରି ବିଶେଷ ଆକର୍ଷଣ ଖୋର୍ଦ୍ଧାର ପାଇକ ଆଖଡ଼ା ଓ କଣ୍ଠଶିଳ୍ପୀ ଅସୀମା ପଣ୍ଡାଙ୍କ ଗୀତ ସାଙ୍ଗକୁ ପ୍ରଜ୍ଞା ଶଙ୍କରଙ୍କ କମେଡ଼ି ବିଳମ୍ବିତ ରାତି ପର୍ଯ୍ୟନ୍ତ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ରାତି ୮ଟାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସୁଧାଂଶୁ ଶେଖର ବଳ ଯୋଗଦେଇ ଭଦ୍ରାୟଣୀ ଜିଲାର ପରିଚୟ ବୋଲି କହିଥିଲେ। ବରେଣ୍ୟ ଅତିଥି ଭାବେ ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ ଯୋଗଦେଇ ଜିଲା ଓ ରାଜ୍ୟ ବାହାରର କଳା, ସଂସ୍କୃତି, ଚଳଣିକୁ ନେଇ ମହୋତ୍ସବର ସଫଳତା ଉପରେ ଆଲୋକପାତ କରିଥିଲେ। ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟାମାନଙ୍କ ବ୍ୟବସାୟ ସେମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରାଇବା ଦିଗରେ ପଲ୍ଲିଶ୍ରୀ ମେଳା ସହାୟକ ହେଉଛି ବୋଲି ସେ କହିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ମୁଖ୍ୟ କୃଷି ଅଧିକାରୀ ଦ୍ୱିଜବର ସେଠୀ, ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା, ଭଦ୍ରକ ତହସିଲଦାର ପ୍ରିୟଦର୍ଶୀ ସଂଗ୍ରାମ କେଶରୀ ଖୁଣ୍ଟିଆ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ କୁମାର ଦତ୍ତ ସ୍ୱାଗତ ଭାଷଣ ଦେଇଥିଲେ।

ପଲ୍ଲିଶ୍ରୀ ମେଳାରେ ସମୁଦାୟ ୨୪୦ଟି ଷ୍ଟଲ୍ ପଡ଼ିଛି। ସେଥିମଧ୍ୟରୁ ୩୩ଟି ଖାଦ୍ୟ ଷ୍ଟଲ୍, ୪୦ଟି କୃଷି ବିଭାଗ ଷ୍ଟଲ୍, ୩୫ଟିରେ ହସ୍ତତନ୍ତ ସାମଗ୍ରୀ, ୮୮ ଟିରେ ଏସ୍‌ଏଚ୍‌ଜି ଉତ୍ପାଦ, ୧୦ଟିରେ ରାଜ୍ୟ ବାହାରର ହସ୍ତଶିଳ୍ପ, ୩ଟିରେ ବ୍ୟାଙ୍କ, ୨୧ଟିରେ ବିଭିନ୍ନ ସରକାରୀ ବିଭାଗ, ୬ଟିରେ ସେବା ପ୍ରଦାନକାରୀ ଓ ଗୋଟିଏ ଥିମ୍ ଷ୍ଟଲ୍ ପ୍ରଦର୍ଶନ କରାଯାଇଛି। ପ୍ରକାଶଥାଉ କି, ୨ୟ ସନ୍ଧ୍ୟାରେ ଜିଲା ପରିଷଦ ଅଧ୍ୟକ୍ଷଙ୍କ ସମେତ ଜିଲାର ସମସ୍ତ ବ୍ଲକ ଅଧ୍ୟକ୍ଷ, ପୌରପାଳିକା ଓ ଏନ୍‌ଏସିର ଅଧ୍ୟକ୍ଷ ଅତିଥି ଭାବେ ଯୋଗଦେବା ପାଇଁ କାର୍ଯ୍ୟସୂଚୀ ନିର୍ଦ୍ଧାରଣ ହୋଇଥିଲା। ବାସୁଦେବପୁର ବ୍ଲକ ଅଧ୍ୟକ୍ଷଙ୍କ ବ୍ୟତୀତ ଅନ୍ୟମାନେ ଜିଲା ମହୋତ୍ସବରେ ଅନୁପସ୍ଥିତ ରହିବା ନେଇ ବିଭିନ୍ନ ଆଲୋଚନା ହେଉଛି। କାମଚଳା ଅତିଥିରେ ୨ୟ ସନ୍ଧ୍ୟାରେ କାର୍ଯ୍ୟକ୍ରମ ଶେଷ ହୋଇଥିବା ଚର୍ଚ୍ଚା ହେଉଛି।

# ଏଯାଏ ଚାଷୀ ପାଇଲେନି କ୍ଷତିପୂରଣ

## 'ଦାନା'କୁ ୩ ମାସ ବିତିଲା

ବନ୍ତ,୧୫।୨(ହରିନାରାୟଣ ମହାନ୍ତି)

ବାତ୍ୟା 'ଦାନା'କୁ ଏହାମଧ୍ୟରେ ୩ ମାସ ବିତିଗଲାଣି। ହେଲେ ଏଯାଏ ବନ୍ତ ବ୍ଲକର କ୍ଷତିଗ୍ରସ୍ତ ଚାଷୀମାନେ କ୍ଷତିପୂରଣ ପାଇପାରି ନ ଥିବା ଅଭିଯୋଗ ହେଉଛି। ଅପରପକ୍ଷେ ତହସିଲ ପକ୍ଷରୁ ବ୍ୟାଙ୍କକୁ ଟଙ୍କା ପଠାଯାଇଥିବା ବେଳେ ଚାଷୀଙ୍କ ଆକାଉଣ୍ଟକୁ ଟଙ୍କା ପଠାଇବାରେ ବ୍ୟାଙ୍କ ପକ୍ଷରୁ ବିଳମ୍ବ କରାଯାଉଥିବାରୁ ଏପରି ସମସ୍ୟା ଦେଖାଯାଉଥିବା ତହସିଲ କର୍ମଚାରୀଙ୍କଠାରୁ ଶୁଣିବାକୁ ମିଳୁଛି।

ପ୍ରକାଶ ଯେ, ୨୦୨୪ ଅକ୍ଟୋବର ୨୪ରୁ ୨୬ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ବାତ୍ୟା 'ଦାନା'ର ତାଣ୍ଡବ ଦେଖିବାକୁ ମିଳିଥିଲା। ଏହାର ପ୍ରଭାବରେ ଏହି ବ୍ଲକରେ ଜନଜୀବନଠାରୁ ଆରମ୍ଭ କରି ପ୍ରାଣୀସମ୍ପଦ, କୃଷି ଆଦି ପ୍ରଭାବିତ ହୋଇଥିଲା। ଅନେକ ସ୍ଥାନରେ ରାସ୍ତାଘାଟ ଓ ବିଦ୍ୟୁତ୍ ସେବା ବିପର୍ଯ୍ୟସ୍ତ ହୋଇପଡ଼ିଥିଲା। ଶତାଧିକ ଏକର ଚାଷଜମି ପାଣିରେ ବୁଡ଼ିରହି ବ୍ୟାପକ ଫସଲହାନି ହୋଇଥିଲା। ସେତେବେଳେ ବ୍ଲକ ପ୍ରଶାସନର ରିପୋର୍ଟ ଅନୁଯାୟୀ, ବ୍ଲକ ଅଧୀନ ୭୫ ଗ୍ରାମର ୧୫ ହଜାରରୁ ଅଧିକ ଲୋକ ଓ ୨୦ ହଜାରରୁ ଅଧିକ ପ୍ରାଣୀ ସମ୍ପଦ ପ୍ରଭାବିତ ହୋଇଥିଲା। ଏଥିସହ ୪ ହଜାର ୮ଶହ ହେକ୍ଟର ଚାଷଜମି କ୍ଷତିଗ୍ରସ୍ତ ହୋଇଥିଲା। ୭୫ ଅଙ୍ଗନୱାଡି କେନ୍ଦ୍ର, ୯୭ ବିଦ୍ୟାଳୟ, ୮ ପ୍ରାଣୀଧନ ନିରୀକ୍ଷକ କେନ୍ଦ୍ର ଓ ୧୦ ମେଡିକାଲ ସବ୍ ସେଣ୍ଟର କ୍ଷତିଗ୍ରସ୍ତ ହୋଇଥିବା ବେଳେ ବାତ୍ୟା ପରେ ରାଜସ୍ୱ ବିଭାଗର କର୍ମଚାରୀମାନେ ପ୍ରଭାବିତ ଅଞ୍ଚଳ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ। ପରେ କ୍ଷତିଗ୍ରସ୍ତ ଚାଷୀମାନେ ଫସଲହାନି ସମ୍ପର୍କରେ ରାଜସ୍ୱ ବିଭାଗକୁ ଲିଖିତ ଅଭିଯୋଗ କରିଥିଲେ। ଏ ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ବାତ୍ୟା କ୍ଷୟକ୍ଷତି ପାଇଁ ଆର୍ଥିକ ସହାୟତା ରାଶି ଯୋଗାଇ ଦିଆଯାଇଥିଲା। ହେଲେ ଏପର୍ଯ୍ୟନ୍ତ କ୍ଷତିଗ୍ରସ୍ତ ଚାଷୀମାନେ କ୍ଷୟକ୍ଷତି ସହାୟତା ରାଶି ପାଇପାରୁ ନାହାନ୍ତି। ଫଳରେ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ସମ୍ପର୍କରେ ତହସିଲଦାର ସାରା ହେମ୍ବ୍ରମଙ୍କୁ ପଚାରିବାରୁ ଚାଷୀଙ୍କୁ ବାତ୍ୟା କ୍ଷତିପୂରଣ ରାଶି ପ୍ରଦାନ କରାଯାଇଛି ବୋଲି କହିଛନ୍ତି।

# ପାଚିକା, ସହାୟିକା ସଂଘର ବିକ୍ଷୋଭ



ବିକ୍ଷୋଭ ସମାବେଶରେ ପାଚିକା ଓ ସହାୟିକାମାନେ।

ବାସୁଦେବପୁର,୧୫।୨(ନାରାୟଣ ପ୍ରସାଦ ବାରିକ୍)

ଓଡ଼ିଶା ମଧ୍ୟାହ୍ନଭୋଜନ ପାଚିକା ସଂଘର ଆହ୍ୱାନକ୍ରମେ ବାସୁଦେବପୁର ଅଞ୍ଚଳର ଶତାଧିକ ପାଚିକା ଓ ସହାୟିକା ୯ ଦଫା ଦାବି ନେଇ ଶନିବାର ଅପରାହ୍ଣରେ ବିଇଓଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଅପରାହ୍ଣ ୩ଟାରେ ସେମାନେ ଟାଉନହଲ୍‌ଠାରୁ ଏକ ଶୋଭାଯାତ୍ରାରେ ବାହାରି ସ୍ଲୋଗାନ ଦେଇ ସହର ପରିକ୍ରମା କରିଥିଲେ। ପାଚିକାମାନଙ୍କୁ ସରକାରୀ କର୍ମଚାରୀ ମାନ୍ୟତା, ସର୍ବନିମ୍ନ ଦରମା ୨୬ ହଜାର, ପେନ୍‌ସନ, ଗ୍ରାଚ୍ୟୁଇଟି, ପିଏଫ୍ ଓ ସାମାଜିକ ସୁରକ୍ଷା ପ୍ରଦାନ, ଛଟେଇ ହୋଇଥିବା ପାଚିକାଙ୍କୁ ପୁନଃ ନିଯୁକ୍ତି, ଅବସରକାଳୀନ ବୟସସୀମା ୬୨କୁ ବୃଦ୍ଧି ଆଦି ବିଭିନ୍ନ ଦାବି ରହିଛି। ସଂଘର ବ୍ଲକ ସଭାନେତ୍ରୀ ସୀତାରାଣୀ ଦାସ, ସମ୍ପାଦିକା ବାସନ୍ତୀ ବେହେରା, ସିଟୁର ସଙ୍ଗଠକ ବିଷ୍ଣୁମୋହନ ଦାସ, ଚାନ୍ଦବାଲି ସଙ୍ଗଠକ ମଳୟ ଭୋଇ ଓ ମମତା ଜେନାଙ୍କ ନେତୃତ୍ୱରେ ବିକ୍ଷୋଭ କରାଯାଇଛି।

## 'ଉପଯୁକ୍ତ ବିଚାରବୋଧ ଶିକ୍ଷାର ମାର୍ଗଦର୍ଶିକା'

ତିହିଡ଼ି,୧୫।୨(ସଞ୍ଜିତ ବଳ): ତିହିଡ଼ି ବ୍ଲକର ପାଳିଆବିନ୍ଧସ୍ଥିତ ବିରଞ୍ଚି ନାରାୟଣ ମାଧବ ଅର୍ଜୁନ (ବିଏନ୍‌ଏମ୍‌ଏ) କଲେଜ ଶିକ୍ଷା ବିଭାଗର ପାଠଚକ୍ର ଶୁକ୍ରବାର ପୂର୍ବାହ୍ଣ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗର ସହକାରୀ ପ୍ରାଧ୍ୟାପକ ଡ. ରଞ୍ଜନ କୁମାର ରାଉତ ଯୋଗଦେଇ ଉପଯୁକ୍ତ ବିଚାରବୋଧ ଶିକ୍ଷାର ମାର୍ଗଦର୍ଶିକା ହୋଇଥାଏ ବୋଲି ମତବ୍ୟକ୍ତ କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରାଧ୍ୟାପକ ଅମୂଲ୍ୟ କୁମାର ପରିଡ଼ା ମୁଖ୍ୟଅତିଥି ଭାବେ ଏହାକୁ ଉଦ୍‌ଘାଟନ କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଅଧ୍ୟାପକ ଅମିୟ ରଞ୍ଜନ ଦାସ ପୌରୋହିତ୍ୟ କରିଥିବା ବେଳେ ଅଧ୍ୟାପକ ଗୋବିନ୍ଦ ଚନ୍ଦ୍ର ବାଗ ସ୍ୱାଗତ ଭାଷଣ ଦେଇଥିଲେ। ଅଧ୍ୟାପକ ମାରୁତି କୁମାର ତ୍ରିପାଠୀ ବିଷୟଭିତ୍ତିକ ସୂଚନା ପ୍ରଦାନ କରିଥିଲେ। ଡ. ବିଶ୍ୱରଞ୍ଜନ ଦାସ, ସରୋଜ କୁମାର ମହାପାତ୍ର, ପତନ କୁମାର ନାୟକ, ପ୍ରଦୀପ କୁମାର ମିଶ୍ର, ମୃତ୍ୟୁଞ୍ଜୟ ଦାସ, ଡ. ଚିନ୍ମୟୀ ସେନାପତି, ଅଶୋକ କୁମାର ମଲ୍ଲିକ, ଦେବାଶିଷ ଦାସ, ହୀରକଲତା ଦାସ, ସ୍ୱପ୍ନା ରାୟ ପ୍ରମୁଖ ଅଧ୍ୟାପିକା ଅଧ୍ୟାପକ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଅଧ୍ୟାପିକା ଦୀପ୍ତିବାଳା ରାଉତ ଧନ୍ୟବାଦ ଦେଇଥିଲେ। ସ୍ମିତାରାଣୀ ଜେନା, ଏଲିନା ନାୟକ, ମୌନବ୍ରତ କୁଅଁର, ସତ୍ୟଜିତ ଦାସ, ସ୍ୱାଗତିକା ମଲ୍ଲିକ, ଅନନ୍ୟା ବେଜ ପ୍ରମୁଖ ଛାତ୍ରୀଛାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଭଦ୍ରକ ରାମରାକୁଲ ଟିମ୍ ବିଜୟୀ

## ସୁରେନ୍ଦ୍ର ନାଥ ବିଶ୍ୱାଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ

ଧୂଷୁରୀ, ୧୫।୨( ଦୀପ୍ତିରଞ୍ଜନ ନାୟକ)

ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର କୁଲେଇପଦା ଖେଳପଡ଼ିଆରେ କେକେ ସ୍ପୋର୍ଟିଂ କ୍ଲବ୍ ଆନୁକୂଲ୍ୟରେ ଆୟୋଜିତ ସୁରେନ୍ଦ୍ର ନାଥ ବିଶ୍ୱାଳ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଶନିବାର ଅପରାହ୍ଣ ୫ଟା ୩୦ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଦ୍ରକ ରାମରାକୁଲ କ୍ରିକେଟ ଟିମ୍ ବିଜୟୀ ହୋଇଛି। ଯାଜପୁର ସୁନ୍ଦରାଇମୁହଁ କ୍ରିକେଟ ଟିମ୍ ଓ ଭଦ୍ରକ ରାମରାକୁଲ କ୍ରିକେଟ ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ୍ ହୋଇଥିଲା। ସୁନ୍ଦରାଇମୁହଁ ଟିମ୍ ୧୦ ଓଭରରେ ସମସ୍ତ ଉଇକେଟ ହରାଇ ୫୦ ରନ୍ କରିଥିଲା। ରାମରାକୁଲ କ୍ରିକେଟ ଟିମ୍ ୮ ଓଭରରେ ୪ ଉଇକେଟ ହରାଇ ଆବଶ୍ୟକ ରନ୍ କରି ଜିତିଥିଲା।

ଅଭିମନ୍ୟୁ ବିଶ୍ୱାଳଙ୍କ ସଭାପତିତ୍ୱରେ କ୍ରୀଡ଼ା ସଭା ଅନୁଷ୍ଠିତ ହୋଇଥିଲା। ବାବାମଣି ସ୍ନାତକ ମହାବିଦ୍ୟାଳୟର ଅଧ୍ୟାପକ ନିକୁଞ୍ଜ କିଶୋର ଜେନା ମୁଖ୍ୟଅତିଥି, ଧୂଷୁରୀ ପ୍ରେସ୍ ୟୁନିୟନ ସଭାପତି ସନ୍ତୋଷ କୁମାର ଦାସ, କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ବରିଷ୍ଠ ଶିକ୍ଷକ ଦିଲୀପ କୁମାର ଦାସ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରାମରାକୁଲ ଟିମ୍ ବିଜୟଲାଭ କରି ଟ୍ରଫି ସହ ୨୫ ହଜାର ଟଙ୍କାର ଚେକ୍ ହାସଲ କରିଛି। ସୁନ୍ଦରାଇମୁହଁ କ୍ରିକେଟ ଟିମ୍ ରନର୍ସଅପ୍ ଟ୍ରଫି ସହ ୧୩ ହଜାର ଟଙ୍କାର ଚେକ୍ ପାଇଛି। ରନର୍ସଅପ୍ କପ୍ ମୁଖ୍ୟଅତିଥି ଜେନା ପ୍ରଦାନ କରିଥିବା ବେଳେ ସୁରେନ୍ଦ୍ରନାଥ ବିଶ୍ୱାଳଙ୍କ ସ୍ତ୍ରୀ ରତ୍ନମଞ୍ଜରୀ ବିଶ୍ୱାଳ ବିଜୟୀ ଟ୍ରଫି ପ୍ରଦାନ କରିଥିଲେ।



ବିଜୟୀ ଟିମ୍‌ର ଖେଳାଳିଙ୍କୁ ଟ୍ରଫି ସହ ଚେକ୍ ପ୍ରଦାନ କରାଯାଉଛି।

# 'ଓଡ଼ିଶା ଇତିହାସକୁ ଧାମନଗର ସମୃଦ୍ଧ କରିଛି'




ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିଙ୍କ ସହ ସମ୍ମାନିତ ବ୍ୟକ୍ତି।

ଧାମନଗର,୧୫।୨(ଦେବେନ୍ଦ୍ର ଆନ୍ଦିଆ)

## ସରିଲା ଶୀତ ମହୋତ୍ସବ

ସ୍ୱାଧୀନତା ସଂଗ୍ରାମରେ ବଳିଦାନର ରକ୍ତ ସ୍ୱାକ୍ଷର ଏ ମାଟିର ଗାରିମାକୁ ପ୍ରମାଣିତ କରୁଛି। ଧାମନଗର ମାଟି ଓଡ଼ିଶା ଇତିହାସକୁ ସମୃଦ୍ଧ କରିଛି ବୋଲି ପ୍ରଥମ ଶୀତ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳାର ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସୋମା ମହାପାତ୍ରଙ୍କ ସଞ୍ଚାଳନରେ ଉଦ୍‌ଯାପନୀ ଉତ୍ସବରେ ଜିଲାପାଳ ଦିଲୀପ ରାଉତରାଏ, ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ, ବିଡିଓ ବନବିହାରୀ ଦିଣ୍ଡା, ଅତିରିକ୍ତ ତହସିଲଦାର ସାଇ ସାଲୋନା ଓ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସନ୍ତୋଷ ନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ସଦ୍‌ଭାବନା ମଞ୍ଚ ନାମରେ ନାମିତ ସାଂସ୍କୃତିକ ମଞ୍ଚରେ ଡା. ବିକାଶ ନନ୍ଦ, ସାହିତ୍ୟିକ ସତ୍ୟସୁନ୍ଦର ପରିଡ଼ା, ସଙ୍ଗୀତ ବିଶାରଦ ଧନେଶ୍ୱର ସାହୁ, ଚାଷୀ କୃଷ୍ଣଚନ୍ଦ୍ର ରାଉତ, ବରିଷ୍ଠ ସାମାଜିକ କର୍ମୀ ହବିବୁର ରହେମାନ, ମାନସ ରଞ୍ଜନ ସାହୁ, କଳାକାର ଉମାକାନ୍ତ ମାଝୀ, ଅଜୟ ପରିଡ଼ା, ଗୋଲାମ ଜିଲାନି ହବିବ, ପାଲାଗାୟକ ବିରଞ୍ଚି ତ୍ରିପାଠୀ ଓ ଶୀତ ମହୋତ୍ସବ ପରିଷଦର ବରିଷ୍ଠ କର୍ମକର୍ତ୍ତାଙ୍କୁ ସମ୍ମାନିତ କରାଯାଇଥିଲା। ଶେଷ ସନ୍ଧ୍ୟାରେ ଜାତୀୟ ଖ୍ୟାତିସମ୍ପନ୍ନ ନୃତ୍ୟଶିଳ୍ପୀ ଶାଶ୍ୱତ ଯୋଶୀ ଓ ଟିମ୍‌ର ନୃତ୍ୟ, ଗାୟିକା ଜୟଶ୍ରୀ, ଚିନ୍ମୟୀ, ଗାୟକ ଆର୍‌ଆର୍ ଏବଂ ପିକେଙ୍କ ସଙ୍ଗୀତରେ ଦର୍ଶକ ଝୁମିଥିଲେ। ଶୀତ ମହୋତ୍ସବ ପରିଷଦର ସହ ସମ୍ପାଦକ ପୂର୍ବତନ ତହସିଲଦାର ଦୀପକ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଅଶୋକ ପୁହାଣ, ମନୋଜ ମଲ୍ଲିକ, ଶରତ ମହାନ୍ତି, ସରୋଜ ମହାପାତ୍ର, ଅରବିନ୍ଦ ପତି, କୈଳାସ ମହାପାତ୍ର, ବୈକୁଣ୍ଠ ନାଥ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## 'ମହୋତ୍ସବ ଧାମନଗର ବିକାଶକୁ ନୂଆ ଦିଗ ଦେବ'

ଧାମନଗର,୧୫।୨(ଦେବେନ୍ଦ୍ର ଆନ୍ଦିଆ/ ସନ୍ତୋଷ କୁମାର ମହାପାତ୍ର)

ଧାମନଗର ବ୍ଲକର ଜୟନଗର ପଡ଼ିଆରେ ଚାଲିଥିବା ପ୍ରଥମ ଶୀତ ମହୋତ୍ସବ ଏବଂ ପଲ୍ଲିଶ୍ରୀ ମେଳା ଶୁକ୍ରବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ୫ ଦିନ ଧରି ଅନୁଷ୍ଠିତ ସାଂସ୍କୃତିକ ଉତ୍ସବ ଓ ପଲ୍ଲିଶ୍ରୀ ମେଳାକୁ ନେଇ ଶୀତ ମହୋତ୍ସବ ପରିଷଦ ପକ୍ଷରୁ ଶନିବାର ଅପରାହ୍ଣ ୪ଟାରେ ଧାମନଗର ପଞ୍ଚାୟତ ସମିତି ସଭାଗୃହରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଏହି ମହୋତ୍ସବ ଧାମନଗର ବିକାଶକୁ ନୂଆ ଦିଗ ଦେବ ବୋଲି କୁହାଯାଇଛି। ଉଚ୍ଚଶିକ୍ଷା ଓ ସଂସ୍କୃତି ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପୁହାଣଙ୍କ ପୌରୋହିତ୍ୟରେ ଆୟୋଜିତ ସମ୍ମିଳନୀରେ ପରିଷଦର ସମ୍ପାଦକ ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ବିଡିଓ ବନବିହାରୀ ଦିଣ୍ଡା, ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ମହାପାତ୍ର, ପୂର୍ବତନ ଜିଲା ପରିଷଦ ସଭ୍ୟ ଶରତ ମହାନ୍ତି, ମନୋଜ ମଲ୍ଲିକ, ଅରବିନ୍ଦ ପତି ପ୍ରମୁଖ ଯୋଗଦେଇ ଧାମନଗରର ଜନସାଧାରଣଙ୍କ ଅକୁଣ୍ଠ ସହଯୋଗ ପାଇଁ କୃତଜ୍ଞତା ଜଣାଇଥିଲେ। ଉତ୍ସବରେ ଯୋଗ ଦେଇଥିବା ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରବିନାରାୟଣ ନାଏକଙ୍କ ସମେତ ପରିଷଦର ସଭାପତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଧାମନଗରର ଦୁଇ ପର୍ଯ୍ୟଟନ ସ୍ଥଳୀ ଲୁଣିଆ ଏବଂ ଗୋହିରାଟିକିରିର ବିକାଶ, ମଙ୍ଗଳପୁର-ଶହୀଦନଗର-ବିଲଣା ରାସ୍ତାକୁ ଶହୀଦ ମାର୍ଗ କରିବା, ବୈତରଣୀ ନଦୀର ବାମପାର୍ଶ୍ୱ ରାସ୍ତାକୁ ପ୍ରଶସ୍ତ କରିବା ଦିଗରେ ଆର୍ଥିକ ମଞ୍ଜୁରୀ ଘୋଷଣା ଧାମନଗର ବିକାଶକୁ ନୂଆ ରୂପ ଦେବ ବୋଲି ମତବ୍ୟକ୍ତ କରିଥିଲେ। ମନ୍ତ୍ରୀ ସୂର୍ଯ୍ୟବଂଶୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ପ୍ରେରଣା ପାଇଁ ମହୋତ୍ସବ ସଫଳ ହୋଇଛି ବୋଲି ଉପଜିଲାପାଳ କହିଥିଲେ। ଶେଷରେ ପୂର୍ବତନ ତହସିଲଦାର ଦୀପକ କୁମାର ଦାସ ଧନ୍ୟବାଦ ଦେଇଥିଲେ। ଖବରଦାତା ସମ୍ମିଳନୀରେ ଶ୍ରୀକାନ୍ତ ନାୟକ, ବିଜୟ ରାମ, ବୈକୁଣ୍ଠ ନାଥ ସାହୁ, ପ୍ରମୋଦ ସୂତାର, ରାଜେନ୍ଦ୍ର ସାହୁ, ଅନିରୁଦ୍ଧ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ସର୍ବମଙ୍ଗଳା ମନ୍ଦିର ବାର୍ଷିକ ଉତ୍ସବ

ସିମୁଳିଆ, ୧୫।୨(ସନ୍ତୋଷ ନାୟକ)- ଜାମୁଖାଡ଼ି ପଞ୍ଚାୟତ ପାନବରଜ ଅଞ୍ଚଳର ମା' ସର୍ବମଙ୍ଗଳା ମନ୍ଦିରର ବାର୍ଷିକ ଉତ୍ସବ ଶନିବାର ଦିବସବ୍ୟାପୀ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତ୍ୟୁଷରେ ମା'ଙ୍କ ବିଧି ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ପରେ ସ୍ଥାନୀୟ ବାରଗଡ଼ିଆ ନଈରୁ ୫ଟି ଘଟୋତ୍ତଳନ କରାଯାଇ ଶୋଭାଯାତ୍ରାରେ ଯଜ୍ଞମଣ୍ଡପକୁ ଅଣାଯାଇଥିଲା। ପରେ ହୋମଯଜ୍ଞ, ଚଣ୍ଡୀପାଠ, ୧୦୮ ପୂର୍ଣ୍ଣାହୁତି ଆଦ ବିଧି ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ପଣ୍ଡିତ ଉପେନ୍ଦ୍ର ପଣ୍ଡା ଓ ରାଜେନ୍ଦ୍ର ପଣ୍ଡା ପୂଜା ଦାୟିତ୍ୱରେ ଥିଲେ।

### ଚାନ୍ଦଗୋଛି ମଠରେ କୁମ୍ଭମେଳା, ବାର୍ଷିକ ନାମଯଜ୍ଞ

#### ଯୋଗଦେଲେ ୩୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ

ଖଇରା, ୧୫।୨(ଉତ୍କଳବନ୍ଧୁ ପଣ୍ଡା): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ପ୍ରସିଦ୍ଧ ଚାନ୍ଦଗୋଛି ମଠରେ କୁମ୍ଭମେଳା ଓ ବାର୍ଷିକ ନାମଯଜ୍ଞ ଗୁରୁବାର ଦିବସ ବ୍ୟାପୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୦ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ଓ ଭକ୍ତ ମହନ୍ତ ଇଷ୍ଟବନ୍ଧୁ ବିଶ୍ୱରୂପ ମହାରାଜଙ୍କ ଦର୍ଶନ କରିବା ସହ ସାଧୁସନ୍ଥଙ୍କ ସାନିଧ୍ୟ ଲାଭ କରିଛନ୍ତି। ସକାଳେ କଳସ ଶୋଭାଯାତ୍ରା ପରେ ବିଭିନ୍ନ ସ୍ଥାନରୁ ଆସିଥିବା କୀର୍ତ୍ତନ ଦଳମାନଙ୍କ ଦ୍ୱାରା ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା। ସନ୍ଧ୍ୟାରେ ଇଷ୍ଟବନ୍ଧୁ ମହାରାଜଙ୍କ ପୌରୋହିତ୍ୟରେ ଆୟୋଜିତ ଆଲୋଚନାରେ ଭଦ୍ରକର ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟ, ସନ୍ଥ ତୁଳସୀ ଦାସ ପ୍ରମୁଖ ଯୋଗଦେଇ ରାଧାକୃଷ୍ଣଙ୍କ ମହିମା ଉପରେ ବର୍ଣ୍ଣନା କରିଥିଲେ। ମଠର ସେବକ ହରିଗୋପାଳ ଠାକୁର, ଶ୍ୟାମସୁନ୍ଦର ଦାସ, ବୃନ୍ଦାବନ ଦାସ, ସ୍ୱରୂପ ଦାସ, ହରିହର ଦାସଙ୍କ ସମେତ ଚନ୍ଦଗୋଛି, ନୂଆସାହି ଓ ଝାଟିଆ ଗ୍ରାମବାସୀ ସହଯୋଗ କରିଥିଲେ। ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ରାଧାଗିରିଧାରୀଙ୍କ ପୂଜାର୍ଚ୍ଚନା କରିଥିଲେ।

### ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ

ଔପଦା, ୧୫।୨(ଧରିତ୍ରୀ ପଣ୍ଡା)-ଔପଦା ବ୍ଲକ ଗେଟେଶ୍ୱର ସଂସ୍କୃତ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ରମାକାନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପୁରୀ ଶ୍ରୀଜଗନ୍ନାଥ ମହାବିଦ୍ୟାଳୟର ପରୀକ୍ଷା ପରିଚାଳକ ପ୍ରାଧ୍ୟାପକ ଡ. ବସନ୍ତ କୁମାର ମିଶ୍ର, ମୁଖ୍ୟବକ୍ତା ଭାବେ ଅତିରିକ୍ତ ଜିଲାଶିକ୍ଷାଧିକାରୀ ଧରଣୀଧର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଔପଦା ପଞ୍ଚାୟତ ସମିତ ଅଧ୍ୟକ୍ଷା ବିସିବିହ୍ୱା ପାତ୍ର, ବଟେଶ୍ୱର ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଡ. ନିରଞ୍ଜନ ଦାଶ, ଗେଟେଶ୍ୱର ସଂସ୍କୃତ ବିଦ୍ୟାଳୟର ପ୍ରଧାନପଣ୍ଡିତ ଗଣେଶ୍ୱର ସାହୁ, ବିଧାୟକ ପ୍ରତିନିଧି ଅଶୋକ କୁମାର ପ୍ରଧାନ, ଶିକ୍ଷା ପରିଚାଳନା କମିଟିର ସଭାପତି ନରହରି ନାୟକ ବକ୍ତବ୍ୟ ରଖିଥିଲେ।

# ଗ୍ଲୋରିଫେଷ୍ଟରେ ଏଫ୍‌ଏମ୍‌ୟୁ ଛାତ୍ରୀଛାତ୍ରଙ୍କ ସଫଳତା

ବାଲେଶ୍ୱର, ୧୫।୨(ବାଞ୍ଛାନିଧି ଦେ)

ପୁରୀସ୍ଥିତ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ରଠାରେ ଅନୁଷ୍ଠିତ ଜାତୀୟସ୍ତରର ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ '୨୮ତମ ଗ୍ଲୋରିଫେଷ୍ଟ-୨୦୨୫' ୩ଦିନ ବ୍ୟାପୀ ଆୟୋଜିତ ହୋଇଛି। ବିଭିନ୍ନ ବର୍ଗର ପ୍ରତିଯୋଗିତାରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ର ପ୍ରତିଭା ପ୍ରଦର୍ଶନ କରି ସଫଳତା ହାସଲ କରିଛନ୍ତି।

ଏହି ଜାତୀୟ ସାଂସ୍କୃତିକ ମହୋତ୍ସବରେ ଭାରତର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟ ଓ ମହାବିଦ୍ୟାଳୟରୁ ୩୦୦ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ।



କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ମାର୍ଗଦର୍ଶନ ତଥା ଡ. ଅସୀମ ଅମିତାଭ ପ୍ରଧାନଙ୍କ ତତ୍ତ୍ୱାବଧାନରେ ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ୧୨ଜଣ ଛାତ୍ରୀଛାତ୍ର ୧୫ଟି ବିଭାଗର ଭାଗ ନେଇଥିଲେ। ସ୍କଟ୍ ଚିତ୍ରାଙ୍କନ ପ୍ରତିଯୋଗିତାରେ ଯଜ୍ଞଜିତ ପାଣି ତୃତୀୟ ସ୍ଥାନ, ଶାସ୍ତ୍ରୀୟ ନୃତ୍ୟରେ ଅଭିଲିପ୍ସା ମହାନ୍ତି ତୃତୀୟ, କମେଡ଼ି ପ୍ରତିଯୋଗିତାରେ ରଞ୍ଜିତା ବେହେରା ଦ୍ୱିତୀୟ, ଏକକ ସଂଗୀତ ଗାନରେ ଲକ୍ଷ୍ମୀପ୍ରିୟା ପରିଡ଼ା ତୃତୀୟ, ଏକକ ଅଭିନୟ ନାଟକରେ ରଞ୍ଜିତା ବେହେରା ତୃତୀୟ ଓ ଦଳଗତ ଲୋକନୃତ୍ୟ ପ୍ରତିଯୋଗିତାରେ ଏଫ୍‌ଏମ୍‌ୟୁ ଛାତ୍ରୀଛାତ୍ର ତୃତୀୟ ସ୍ଥାନ ଅଧିକାର କରିଥିଲେ। ଶୁକ୍ରବାର ଉଦ୍‌ଯାପନୀ ଉତ୍ସବରେ ଅତିଥିମାନଙ୍କ ଦ୍ୱାରା କୃତି ପ୍ରତିଯୋଗୀଙ୍କୁ ଟ୍ରଫି ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ଡ. ଅଭୟ ନାୟକଙ୍କ ପ୍ରତ୍ୟକ୍ଷ ସହଯୋଗରେ ସଫଳତା ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ରୋଟାରୀ କ୍ଲବ ପରିଦର୍ଶନ କଲେ ଇଣ୍ଡୋ-ଆମେରିକାନ ଡାକ୍ତରୀ ଦଳ




ବୈଠକରେ ଉପସ୍ଥିତ ଡାକ୍ତର ଓ କ୍ଲବ ସଦସ୍ୟଗଣ।

ବାଲେଶ୍ୱର, ୧୫।୨(ବାଞ୍ଛାନିଧି ଦେ)

## ବାଲେଶ୍ୱରରେ ମିଳିବ ଉନ୍ନତ ସ୍ୱାସ୍ଥ୍ୟସେବା

ବାଲେଶ୍ୱର ରୋଟାରୀ କ୍ଲବକୁ ଇଣ୍ଡୋ-ଆମେରିକାନ ଡାକ୍ତରୀ ଦଳ ଶନିବାର ପରିଦର୍ଶନ କରିଛନ୍ତି। ରୋଟାରୀ ଭବନ ପରିସରରେ ଏକ ଦ୍ୱିପାକ୍ଷିକ ଆଲୋଚନା କରାଯାଇଛି। ସମଗ୍ର ଉତ୍ତରଓଡ଼ିଶା ଯଥା-ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ ଓ କେନ୍ଦୁଝର ଜିଲାରେ ବିଭିନ୍ନ ମାନବୀୟ କାର୍ଯ୍ୟକ୍ରମକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ରୋଟାରୀ କ୍ଲବ ପକ୍ଷରୁ ଏକ ନୂତନ ପଦକ୍ଷେପ ନିଆଯାଇଛି। ବାଲେଶ୍ୱରରେ ଉନ୍ନତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଭୁବନେଶ୍ୱର କଳିଙ୍ଗ ହସ୍‌ପିଟାଲ ଓ ରୋଟାରୀ କ୍ଲବ ମଧ୍ୟରେ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବାକୁ ଯାଉଛି। କଳିଙ୍ଗ ହସ୍‌ପିଟାଲର ଚେୟାରମ୍ୟାନ୍ ଡା. ଶୀତକଣ୍ଠ ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଡା. ନୀତିନ ଯୋଷୀ (ୟୁଏସ୍‌ଏ), ଡା. ପ୍ରମୋଦ କୁମାର ମିଶ୍ର, ଡା. ଦେବୀପ୍ରସାଦ ନନ୍ଦ ଉପସ୍ଥିତ ରହି ରୋଟାରୀ ଚିକିତ୍ସାଳୟରେ ଅତ୍ୟାଧୁନିକ ବ୍ୟବସ୍ଥା ସହ ଯନ୍ତ୍ରପାତି ଥାଇ ଜୀବନ ରକ୍ଷାକାରୀ ଆମ୍ବୁଲାନ୍ସ ସେବା, ଭ୍ରାମ୍ୟମାଣ ଚକ୍ଷୁ ଓ ଦନ୍ତ ଚିକିତ୍ସାଳୟ, ସ୍ତନ କର୍କଟ ରୋଗ ନିମନ୍ତେ ଭ୍ରାମ୍ୟମାଣ ମାମୋଗ୍ରାଫି ମେଶିନ୍, ପରୀକ୍ଷା ନୀରିକ୍ଷା ବ୍ୟବସ୍ଥା ଏବଂ କ୍ୟାନସର, ହୃଦ୍‌ରୋଗ, ସ୍ନାୟୁ ଓ କିଡ୍‌ନୀ ଜନିତ ରୋଗର ଚିକିତ୍ସା ନିମନ୍ତେ ସୁଲଭ ମୂଲ୍ୟରେ ଅଂଶ ନିଃଶୁଳ୍କ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦିଗରେ ଗୁରୁତ୍ୱାରୋପ କରାଯାଇଥିଲା। ରୋଟାରୀ କ୍ଲବ ସଭାପତି କର୍ନେଲ କ୍ଷେତ୍ରମୋହନ ମହାପାତ୍ର, ପୂର୍ବତନ ସଭାପତି ସୁବ୍ରତ କର, ଶାନ୍ତନୁ କୁମାର ପାଣି, ଦେବେନ୍ଦ୍ର କୁମାର ଧଳ, ସୌରଭ ବେହେରା, ଦେବାଶିଷ ଦାସ, ବିଷ୍ଣୁ ଦାସ କୁଣ୍ଡୁ ଓ ପ୍ରଫୁଲ୍ଲ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଜଳେଶ୍ୱର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଜଣେ ଅଧ୍ୟାପକ

ଜଳେଶ୍ୱର, ୧୫।୨(ରବିନାରାୟଣ ପାତ୍ର)

- ୧୦ ବିଷୟରେ ଅଧ୍ୟାପକ ପଦବୀ ଖାଲି
- ୫୬୮ ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର

ଦୀର୍ଘ ୪୦ ବର୍ଷ ପୂର୍ବେ ସମଗ୍ର ଉତ୍ତର ବାଲେଶ୍ୱରରେ ମହିଳାମାନଙ୍କ ଉଚ୍ଚଶିକ୍ଷା ଲାଗି ତତ୍କାଳୀନ ବିଧାୟକ ଗଦାଧର ଗିରି ଜଳେଶ୍ୱରଠାରେ ଖୋଲିଥିଲେ ଯୁକ୍ତ ୨ ବାଳିକା ମହାବିଦ୍ୟାଳୟ। ଏବେ ତାହା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଭାବେ ପରିଗଣିତ ହେଉଥିବା ବେଳେ ୨ଟି ଶ୍ରେଣୀରେ ୫୬୮ ଛାତ୍ରୀ ଶିକ୍ଷାଲାଭ କରୁଛନ୍ତି । ଭିତ୍ତିଭୂମିର ଅଭାବ ନ ଥିବା ବେଳେ ଏବେ ଜଣେ ଇଂଲିଶ ଅଧ୍ୟାପକ ଅଧ୍ୟକ୍ଷ ପଦବୀରେ ଅବସ୍ଥାପିତ। ଅନ୍ୟ ସମସ୍ତ ବିଷୟରେ ଅଧ୍ୟାପକ ନ ଥିବାରୁ ଅଭିଭାବକମାନେ ଆଶଙ୍କା ମଧ୍ୟରେ କାଳାତିପାତ କରୁଛନ୍ତି । ବିଦ୍ୟାଳୟର ୨ଟି ଶ୍ରେଣୀରେ ୬୪୦ ଛାତ୍ରୀଛାତ୍ର ପାଠ ପଢିବା ଲାଗି ଅନୁମୋଦନ ମିଳିଥିବା ବେଳେ ଚଳିତବର୍ଷ ୫୬୮ଜଣ ଶିକ୍ଷାଲାଭ କରୁଛନ୍ତି। ଓଡିଆ, ରାଜନୀତି ବିଜ୍ଞାନ, ଅର୍ଥନୀତି, ଇତିହାସ, ତର୍କଶାସ୍ତ୍ର, ସଂସ୍କୃତ, ସୋସିଓଲୋଜି, ଗୃହବିଜ୍ଞାନ ବିଭାଗରେ ଅଧ୍ୟାପକ ନାହାନ୍ତି । ସେହିପରି ଲାଇବ୍ରେରୀ ଲାଗି କର୍ମଚାରୀ ନ ଥିବା ବେଳେ ମୋଟ ୩ଜଣ କିରାଣିଙ୍କ ମଧ୍ୟରୁ ୨ଜଣ, ୫ଜଣ ପିଅନ୍‌ଙ୍କ ମଧ୍ୟରୁ ୩ଜଣ ଓ କେହି ଜଗୁଆଳି ନ ଥିବା ଜଣାଯାଇଛି। ଏ ସମ୍ପର୍କରେ ଚଳିତ ବିଧାନସଭାରେ ବିଧାୟକ ଅଶ୍ୱନୀ ପାତ୍ର ଅଧ୍ୟାପକ ନିଯୁକ୍ତି ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏହାର ଉତ୍ତରରେ ପଦବୀ ପୂରଣ ନିମନ୍ତେ ରାଜ୍ୟ ପ୍ରବଣ ଆୟୋଗଙ୍କ ମାଧ୍ୟମରେ ପିଜିଟି ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଥିବା କହିଛନ୍ତି।

## ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନର ବାର୍ଷିକ ଉତ୍ସବ

ସୋର, ୧୫।୨(ଜନ୍ମେଜୟ ମିଶ୍ର): ସୋର ବ୍ଲକ ଅଧୀନ ବାଳଙ୍ଗ ପଞ୍ଚାୟତର ରେଓଦା ଗ୍ରାମରେ ପୂଜ୍ୟପୂଜା ସଂସଦ ସେବା ସଙ୍ଗଠନର ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ କର୍ମୀ ରତ୍ନାକର ପାତ୍ର ଉଦ୍‌ଘାଟନ କରିଥିଲେ। ସଂସଦ ସଭାପତି ଦେବେନ୍ଦ୍ର ପ୍ରସାଦ ପାତ୍ରଙ୍କ ସଭାପତିତ୍ୱରେ ସଭାରେ ମୁଖ୍ୟଅତିଥି ଭାବେ ପ୍ରଫେସର ଶ୍ରୀକାନ୍ତ ପଣ୍ଡା ଓ ମୁଖ୍ୟବକ୍ତା ଭାବେ ବାଣୀ ସେବକ ହିମାଂଶୁ ବାବା ଯୋଗଦାନ କରି ପିତୃମାତୃ ପୂଜନ ଦିବସ ପାଳନ କରିଥିବା ପରମ୍ପରାକୁ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥିମାନଙ୍କ ମଧ୍ୟରେ ଗୋପାଳ ଚନ୍ଦ୍ର ବେଦ, ବାବା ଚାରିଧାମ ଭାଗବତ ପ୍ରଚାର କମିଟି ଅଧ୍ୟକ୍ଷ ନରୋତ୍ତମ ମିଶ୍ର, ବଂଶୀଧର ପଣ୍ଡା, ସ୍ୱାମୀ ଗଣେଶାନନ୍ଦ ପୁରୀ, ସରୋଜ ପ୍ରଧାନ, ନାଟ୍ୟକାର ପୁରୁଷୋତ୍ତମ ବେହେରା, ଜୟୀରାମ ଦାଶ, ହରିହର ରଥ ଓ ବାଳଙ୍ଗ ପଞ୍ଚାୟତ ସରପଞ୍ଚ, ସମିତିସଭ୍ୟଙ୍କ ସହିତ ଅନେକ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦାନ କରି ପରମ୍ପରା ବିଧିବିଧାନ ବିଷୟରେ ଆଲୋଚନା କରିଥିଲେ। ୫୦ ରୁ ଅଧିକ ମା' ବାପାଙ୍କୁ ଫୁଲ ଚନ୍ଦନ ଦେଇ ପୂଜା କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ସ୍ୱେଚ୍ଛାସେବୀ ସଙ୍ଗଠନ ସମ୍ପାଦକ ଅଜୟ କୁମାର ଦାସ ଓ ସଭାପତି ଅକ୍ଷୟ କୁମାର କରଙ୍କ ଦ୍ୱାରା ଆୟୋଜିତ ହୋଇଥିଲା।

# ଅକ୍ସଫୋର୍ଡ ରିଜିଓନାଲ ଇଂଲିଶ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ




ବାର୍ଷିକ ଉତ୍ସବରେ ଅତିଥିଗଣ।

ବାଲିଆପାଳ, ୧୫।୨(ଗୋପାଳ ଚନ୍ଦ୍ର ସାହୁ)

ବାଲେଶ୍ୱର ଜିଲା ବାଲିଆପାଳ ଅକ୍ସଫୋର୍ଡ ରିଜିଓନାଲ ଇଂଲିଶ ମିଡିୟମ ସ୍କୁଲର ୧୧ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ରବୀନ୍ଦ୍ର ନାଥ ଦାସଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଭଗୀରଥ ଗିରି, ମୁଖ୍ୟବକ୍ତା ଭାବେ ଅଧ୍ୟାପକ ଦୟାନିଧି ସାହୁ, ସମ୍ମାନିତ ଅତିଥି ଭାବେ ସିମୁଳିଆ କ୍ଲଷ୍ଟର ସିଆରସିସି ଆଶୋକ କୁମାର ଗିରି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଅବସରପ୍ରାପ୍ତ ଶିକ୍ଷକ ଝଡେଶ୍ୱର ପ୍ରଧାନ, ବଡ଼ାପାଳ ସ୍କୁଲ ପ୍ରଧାନ ଶିକ୍ଷକ ଗଣେଶ କୀଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ସମ୍ପାଦକ ସାଗର କୁମାର ପଟ୍ଟନାୟକ, ବିଦ୍ୟାଳୟ କମିଟି ସଦସ୍ୟ ପ୍ରଶାନ୍ତ କୁମାର ରାଉତ, ଶିକ୍ଷୟିତ୍ରୀ ସସ୍ମିତା ଗିରି, ଶୃତିଲିପି କମିଳା, ରାଜେଶ ରଣା, ଅର୍ଜୁନ ନନ୍ଦୀ, ସନ୍ତୋଷ ଗିରି, ମହାଦେବ କର୍ମକାର, ଦିଗାମ୍ବର ରଣା, ମାନସ ପ୍ରଧାନ, ସେକ ମୁକ୍ତାରଙ୍କ ସହିତ ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକ ସମସ୍ତ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

## କର୍ମକାଣ୍ଡୀ ପଣ୍ଡିତ ଡମ୍ବରୁ ପଣ୍ଡାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

ଖଇରା, ୧୫।୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ନନ୍ଦୁର ପଞ୍ଚାୟତ ଅଧୀନ ସୁଙ୍ଗୁଡା ଗ୍ରାମର ବିଶିଷ୍ଟ କର୍ମକାଣ୍ଡୀ ପଣ୍ଡିତ ଓ ଠାକୁର ସେବକ ଡମ୍ବରୁଧର ପଣ୍ଡାଙ୍କ ୬ଷ୍ଠ ଶ୍ରାଦ୍ଧବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତିସଭା ଓ ପ୍ରତିମୂର୍ତ୍ତି ଉନ୍ମୋଚନ ଉତ୍ସବ ଶୁକ୍ରବାର ସୁଙ୍ଗୁଡା ଗ୍ରାମରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ପରିବାର ତଥା ଗ୍ରାମବାସୀଙ୍କ ସହଯୋଗରେ ନିର୍ମିତ ପ୍ରତିମୂର୍ତ୍ତିକୁ ଖଇରା ବ୍ରାହ୍ମଣ ସମିତିର କର୍ମକର୍ତ୍ତାମାନେ ଉନ୍ମୋଚନ କରିଥିଲେ। ପରେ ବ୍ରାହ୍ମଣସମିତିର ଉପଦେଷ୍ଟା ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଆୟୋଜନ କରାଯାଇଥିଲା। ବୁଦ୍ଧିରାମ ପାଣିଗ୍ରାହୀଙ୍କ ଦ୍ୱାରା ଗୀତା ଓ ବେଦପାଠ କରାଯାଇଥିଲା। ସମ୍ପାଦକ ରମାକାନ୍ତ ଶତପଥି, ପଦ୍ମନାଭ ପଣ୍ଡା, ପୀତାମ୍ବର ପତି, ଶ୍ୟାମସୁନ୍ଦର ପଣ୍ଡା, ସଦାଶିବ ଆଚାର୍ଯ୍ୟ, ବିଭୂତିଭୂଷଣ ତ୍ରିପାଠୀ, କୈଳାସ ଚନ୍ଦ୍ର ତ୍ରିପାଠୀ, ଆକାଶ କୁମାର ପଣ୍ଡା, ଜୟନ୍ତ କୁମାର ପଣ୍ଡା, ଯଦୁମଣି ନନ୍ଦ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଣ୍ଡା ଜଣେ ସଚ୍ଚୋଟ ଏବଂ ଆଧ୍ୟାତ୍ମବାଦୀ ମଣିଷ ଥିଲେ ବୋଲି ପ୍ରକାଶ କରିଥିଲେ।



ସ୍ମୃତିସଭାରେ ବ୍ରାହ୍ମଣ ସମିତିର କର୍ମକର୍ତ୍ତା ଓ ଗ୍ରାମବାସୀ।

# ସରିଲା ସାଂସ୍କୃତିକ ସନ୍ଧ୍ୟା 'ଖାସ୍ ତୁମ ପାଇଁ'

ରେମୁଣା, ୧୫।୨(ରବୀନ୍ଦ୍ର ମହାକୁଡ଼)

ବାଲେଶ୍ୱର ଜିଲା ରେମୁଣାର ନୋସି ବିଜିନେସ ପାର୍କସ୍ଥିତ ଉତ୍କଳା ମୁକ୍ତମଞ୍ଚରେ ନୋସି କଲଚ୍ୟୁରାଲ ଏକାଡେମୀ ଦ୍ୱାରା ଶୁକ୍ରବାର ଏକ ନିଆରା ସାଂସ୍କୃତିକ ସନ୍ଧ୍ୟା 'ଖାସ୍ ତୁମ ପାଇଁ' ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଓଡ଼ିଶାର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ନବ ଚୌଧୁରୀଙ୍କ ସୁକନ୍ୟା ତଥା ଗାନ୍ଧିବାଦୀ କ୍ରିଷ୍ଣା ମହାନ୍ତି ଉଦ୍‌ଘାଟନ କରି ଓଡ଼ିଶାର କଳା ସଂସ୍କୃତି ବିଷୟରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ନୋସିର ଉପ-ସଭାପତି ସୁବ୍ରତ ନାୟକ, ସାମାଜିକ କର୍ମୀ ପ୍ରଦୀପ କୁମାର ମହାପାତ୍ର ଯୋଗ ଦେଇଥିଲେ। ନୋସି କଲଚ୍ୟୁରାଲ ଏକାଡେମୀର ମୁଖ୍ୟ ଶିଳ୍ପୀ କେଶୁ ଦାସ ସଭା ପରିଚାଳନା କରିଥିଲେ। ଅତନୁ କୁମାର, କୁମାର ଜୀବନ, ରଶ୍ମିରେଖା ମହାପାତ୍ର, ଏକାଦଶୀ ବର୍ମନ, ରୂପାଲି ସିଂ, ଦୁର୍ଗେଶ୍ୱରୀ ସିଂ, ରଜନୀ ରାଣୀ ମଲ୍ଲିକ, ସାଇପ୍ରତୀକ୍ଷା, ଭୂମିଷ୍ଠା, ଅନୁଷ୍କା ନୃତ୍ୟଗୀତ ପରିବେଷଣ କରିଥିଲେ। କବି ଦମ୍ପତି ଦେବାଶିଷ ସିଂହ ଓ ତୃପ୍ତିରାଣୀ ପାତ୍ର କବିତାର ଯୁଗଳବନ୍ଦୀ କରିଥିବା ବେଳେ ପ୍ରଶାନ୍ତ ସାହୁ ମାଉଥ ଅର୍ଗାନ ମାଧ୍ୟମରେ ଦର୍ଶକଙ୍କ ମନ ମୋହିଥିଲେ। ସମସ୍ତ କଳାକାରଙ୍କୁ ଅତିଥିଙ୍କ ଦ୍ୱାରା ପ୍ରଶଂସା ପତ୍ର ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇଥିଲା। କୁମାର ସତ୍ୟମ୍ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଜଙ୍ଗଲରେ ନିଆଁ ନ ଲଗାଇବାକୁ ସଚେତନତା

ପାଟଣା, ୧୫।୨(ବୀର କିଶୋର ଦାଶ)

କେନ୍ଦୁଝର ଜିଲା ପାଟଣା ରେଞ୍ଜ ପକ୍ଷରୁ ଜଙ୍ଗଲରେ ନିଆଁ ନ ଲଗାଇବା ପାଇଁ ଏକ ସଚେତନତା ଶୋଭାଯାତ୍ରା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏସ୍‌ଏଚ୍‌ଜି ଗ୍ରୁପର ୨ ଶହରୁ ଊର୍ଦ୍ଧ୍ୱ ମହିଳା ସଚେତନତା ଶୋଭାଯାତ୍ରାରେ ସାମିଲ ହୋଇ ପାଟଣା ରେଞ୍ଜର ସର୍ବବୃହତ ଅଟେଇ ସଂରକ୍ଷିତ ଜଙ୍ଗଲରେ ନିଆଁ ନ ଲଗାଇବାକୁ ବିଭିନ୍ନ ସଚେତନତା ମୂଳକ ବାର୍ତ୍ତା ଲେଖା ଥିବା ପ୍ଲାକାର୍ଡ ଓ ସ୍ଲୋଗାନ ଦେଇ ଲୋକଙ୍କୁ ସଚେତନତା କରିଥିଲେ। ଶୋଭାଯାତ୍ରା ତଣ୍ଡ ଗ୍ରାମରୁ ବାହାରି ବାଲିଯୋଡ଼ି ପର୍ଯ୍ୟନ୍ତ ପରିକ୍ରମା କରିଥିଲା। କେନ୍ଦୁଝର ଏମ୍‌ପିଙ୍କ ପ୍ରତିନିଧି ପ୍ରହଲ୍ଲାଦ ପଲେଇ, ପାଟଣା ବନପାଳ ପିଅନ ନାଏକ, ଫରେଷ୍ଟ ଗାର୍ଡ ଦେବଯାନୀ ମାହାନ୍ତ, ପ୍ରକଳ୍ପ ଏନ୍‌ଜିଓର ଟିମ୍ ଲିଡର ରଞ୍ଜିତ ପଲେଇ ପ୍ରମୁଖ ସାମିଲ ହୋଇଥିଲେ।




ସଚେତନତା ଶୋଭଯାତ୍ରାରେ ବାହାରିଥିବା ମହିଳାମାନେ।

## ମହିଳାଙ୍କୁ ଆକ୍ରମଣ ମାଲାରେ ଜଣେ ଗିରଫ

ଛେନାପଦି, ୧୫।୨(ନିରାକାର ପରିଡା): ସୋସୋ ଥାନା ବଙ୍ଗୋର ଗ୍ରାମର ଜଣେ ମହିଳାଙ୍କୁ ଆକ୍ରମଣ ଘଟଣାରେ ଗତ ବର୍ଷେ ଧରି ଫେରାରଥିବା ଅଭିଯୁକ୍ତଙ୍କୁ ଶନିବାର ପୋଲିସ ଗିରଫ କରିଛି। ବଙ୍ଗୋର ଗ୍ରାମର ହରପ୍ରିୟା ପାତ୍ରଙ୍କୁ ଗ୍ରାମର ଭାଗୀରଥି ପାତ୍ର(୪୮) ମାଡ଼ ମାରିବା ସହ ହାତକୁ ହାଣି ଦେଇଥିଲେ। ପୋଲିସ ମାମଲା(ନଂ. ୧୧୧/୨୦୨୪) ରୁଜୁ କରି ତଦନ୍ତ କରୁଥିଲା। ଭାଗୀରଥି ଗାଁକୁ ଆସିଥିବା ଖବର ପାଇ ପୋଲିସ ତାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ବିଜୟ ବିହାରୀ କହିଛନ୍ତି।

**ଜିଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଗ୍ରୁପ (ବି) ମ୍ୟାଚ**

# ଡିଆରକେ(ବି)ବିଜୟୀ

ବାରିପଦା, ୧୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବାରିପଦା ଷ୍ଟାଡିୟମ ପଡିଆରେ ଓଡିଶା କ୍ରିକେଟ ଆସୋସିଏଶନ ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ମିଳିତ ଆନୁକୂଲ୍ୟରେ ଆୟୋଜିତ ମୟୂରଭଞ୍ଜ ଜିଲାସ୍ତରୀୟ ସିନିୟର ପୁରୁଷ ଆନ୍ତଃ କ୍ଲବ କ୍ରିକେଟ ଟୁର୍ନାମେଣ୍ଟର ଗ୍ରୁପ ବିର ପ୍ରଥମ ମ୍ୟାଚରେ ଶନିବାର ଡିଆରକେ (ବି) କ୍ଲବ ୫୨ ରନରେ ବିଜେଏମସିସିକୁ ପରାସ୍ତ କରିଥିଲା। ପ୍ରଥମେ ବ୍ୟାଟିଂ କରି ଡିଆରକେ (ବି) ୩୫ ଓଭରରେ ୭ ଉଇକେଟ ହରାଇ ୨୦୦ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ପ୍ରୀତପାଲ ସିଂହ ଅପରାଜିତ ୧୨୯ ଓ ଅମିତାଭ ଦାସ ୨୦ ରନ କରିଥିବା ବେଳେ ବିପକ୍ଷ ଦଳର ହଂସରାଜ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଉତ୍ତରରେ ବିଜେଏମସିସି କ୍ଲବ ୩୫ ଓଭରରେ ୮ ଉଇକେଟ ହରାଇ ୧୪୮ରନ ସଂଗ୍ରହ କରିପାରିଥିଲେ। ଦଳ ପକ୍ଷରୁ ପୁରବ ରାଜେଶ ନନ୍ଦା ୪୮ ଓ ଲୋକନାଥ ପୃଷ୍ଟି ୩୦ ରନ କରିଥିବା ବେଳେ ବିପକ୍ଷ ଦଳର ସୁବ୍ରତ କୁମାର ସିଂହ ୩ ଟି ଉଇକେଟ ଅକ୍ତିଆର କରିଥିଲେ। ପ୍ରୀତପାଲ ସିଂହ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ଅମିତାଭ ପଟ୍ଟନାୟକ ଓ ଦିଲୀପ କୁମାର ଦାସ ପରିଚାଳନା କରିଥିବା ବେଳେ ସମ୍ବିତ କୁମାର ମହାରଣା ସ୍କୋରିଂରେ ସହାୟତା କରିଥିଲେ। ଅତିଥି ଅମିତ କୁମାର ପଣ୍ଡାଙ୍କ ସମେତ ମୟୂରଭଞ୍ଜ ଆଥଲେଟିକ ଆସୋସିଏଶନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ଓ କ୍ରିକେଟ ସମ୍ପାଦକ ହରପ୍ରସାଦ ପାତ୍ର ପ୍ରମୁଖ ଉତ୍ସାହିତ କରିଥିଲେ।

# ଡିଆରସିଏସ୍‌ଙ୍କ ନିକଟରେ ଦାଖଲହେଲା ଦସ୍ତାବିଜ

ହାଟଡ଼ିହୀ, ୧୫।୨(ଶୁଭକାନ୍ତ ନାୟକ)

## ସମବାୟ ସମିତିର ଟଙ୍କା ହେରଫେର ଘଟଣା

ସମବାୟ ବିଭାଗର ପ୍ରହାର ପରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ମରୈଗାଁ ସେବା ସମବାୟ ସମିତି ସମ୍ପାଦକ ଶରତ କୁମାର ସେଠୀଙ୍କ ଦ୍ୱାରା ସମିତି ଅନୁଦାନ ହେରଫେର ପ୍ରସଙ୍ଗ ସମ୍ପର୍କିତ ଦସ୍ତାବିଜ କେନ୍ଦୁଝର ଡିଆରସିଏସଙ୍କ ନିକଟରେ ଶୁକ୍ରବାର ଦାଖଲ ହୋଇଛି । ଦସ୍ତାବିଜଗୁଡ଼ିକ ଆଇନ ସମ୍ମତ କି ନୁହେଁ ଏବଂ ସେ ସବୁ ଦସ୍ତାବିଜର ସତ୍ୟତା, ଯଥାର୍ଥତାକୁ ନେଇ ତର୍ଜମା କରାଯାଉଥିବା କେନ୍ଦୁଝର ଡିଆରସିଏସ ଶୁଭ୍ରକାନ୍ତି ଡୁଙ୍ଗ କହିଛନ୍ତି। ଦସ୍ତାବିଜ ଅନୁସାରେ ସମ୍ପାଦକ ଶରତ କୁମାର ସେଠୀଙ୍କ ନାମରେ ନନ୍ଦିପଦା ଥାନାରେ ଏକ ମାମଲା (ନଂ. ୯୧/୨୦୧୫)ରୁଜୁ ହୋଇଥିଲା। ମାମଲାର ବିଚାର ପ୍ରକ୍ରିୟା ୨୦୧୯ ବର୍ଷରେ ସରିଛି। ସେ ସମ୍ପର୍କିତ ଏବଂ ଅନ୍ୟାନ୍ୟ ସମ୍ପର୍କିତ ଦସ୍ତାବିଜ ଦାଖଲ କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୧-୨୨ ବର୍ଷ ଅଡିଟ ରିପୋର୍ଟରେ ସମ୍ପାଦକ ଶରତଙ୍କୁ ଦାୟୀ କରାଯାଇ ୮୨ ଲକ୍ଷ ୪୨ ହଜାର ୬୭୨ ଟଙ୍କା ସମିତି ଅନୁଦାନ ହେରଫେର ହୋଇଥିବା ଅଡିଟ ରିପୋର୍ଟରେ ଦର୍ଶାଯାଇଥିଲା। ଉକ୍ତ ଘଟଣାକୁ ନେଇ କେନ୍ଦୁଝର ଡିଆରସିଏସଙ୍କ ନିର୍ଦ୍ଦେଶ ଅନୁସାରେ ସମିତିର କମିଟି ମ୍ୟାନେଜମେଣ୍ଟର ଡାଇରେକ୍ଟରମାନେ ଗତ ଫେବୃୟାରୀ ୧୨ ତାରିଖରେ କେନ୍ଦୁଝର ଡିଆରସିଏସ ଅଫିସରେ ହାଜର ହୋଇ ଘଟଣା ସମ୍ପର୍କିତ ଦସ୍ତାବିଜ ଦାଖଲ କରିବାକୁ ୨୪ ଘଣ୍ଟା ସମୟ ମହଲତ ନେଇଥିଲେ। ଅପରପକ୍ଷେ ଇତି ମଧ୍ୟରେ ହେରଫେର ହୋଇଥିବା ମୋଟ ଅନୁଦାନରୁ ଫର୍ଟିଲାଇଜର(ଉର୍ବରକ) ବାବଦରେ ୩ ଲକ୍ଷ ଟଙ୍କା ସମ୍ପାଦକ ଶରତ ବ୍ୟାଙ୍କରେ ଜମା କରିଥିବା ଡିଆରସିଏସ ଡୁଙ୍ଗ କହିଛନ୍ତି। ପ୍ରକଶଯୋଗ୍ୟ, ସମ୍ପାଦକ ଶରତ ଦଫା ୪୦୯, ୪୬୫, ୪୬୭, ୪୬୮, ୪୭୧, ୪୨୦ ଅନୁସାରେ ଗତ ୩୧ ମାର୍ଚ୍ଚ ୨୦୧୬ରୁ ୬ ମାସ ୮ ଦିନ ଜେଲଦଣ୍ଡ ଭୋଗିଥିଲେ। ପରେ ଓଡ଼ିଶା ହାଇକୋର୍ଟ ବିଏଲଏପିଏଲ କେସ ନଂ. ୨୨୬୨/୨୦୧୬ ଅନୁସାରେ ୭ ଅକ୍ଟୋବର ୨୦୧୬ରେ ଜାମିନ ମଞ୍ଜୁର ନିର୍ଦ୍ଦେଶ ଜାରି କରିଥିଲେ।

# କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ବାର୍ଷିକୋତ୍ସବ




ବାର୍ଷିକୋତ୍ସବରେ ଉପସ୍ଥିତ ଅତିଥି।

କରଞ୍ଜିଆ, ୧୫।୨ (କବିତା ମହାନ୍ତ)

କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ୬୦ତମ ବାର୍ଷିକୋତ୍ସବ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଯୋଗେଶ୍ୱର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଏମ୍‌ପି ଅନନ୍ତ ଚରଣ ନାୟକ, ମୁଖ୍ୟବକ୍ତା ଲାଇଟ ଇନ୍ ଯୋଗର ନିର୍ଦ୍ଦେଶକ ବସନ୍ତ କୁମାର ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ପଦ୍ମଶ୍ରୀ ଦୈତାରୀ ନାୟକ ଯୋଗ ଦେଇଥିଲେ। କାଳନ୍ଦୀ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ମନୋଜ କୁମାର ସାହୁ ବାର୍ଷିକ ବିବରଣୀ ଦେଇଥିଲେ। ମୁଖ୍ୟବକ୍ତା ମଲ୍ଲିକ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ ଯୋଗ ଦ୍ୱାରା ନିରୋଗ ରହିବା ସହ ଏହା ମାନସିକ ସୁସ୍ଥ ରଖିଥାଏ ବୋଲି କହିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଅଧ୍ୟାପକ ସନ୍ଦୀପ ସାମଲ ଧନ୍ୟବାଦ ଦେଇଥିଲେ। ଡା. ଜି. ବିରିଡିଆ, ଏସ୍. ସାରଡା, ଅଭିପ୍ସା ମିଶ୍ର, ସିପୁନ ଦାସ ପ୍ରମୁଖ ସହଯୋଗ କରିଥିଲେ।

### ପୂର୍ବ ଶତ୍ରୁତାରୁ ଘର ପୋଡ଼ିଦେଲେ

**ଛେନାପଦି,(ନିରାକାର ପରିଡା):** କେନ୍ଦୁଝର ଜିଲା ସୋସୋ ଥାନା ଅନ୍ତର୍ଗତ ପୁରୁଣାପାଣି ଗ୍ରାମରେ ଶୁକ୍ରବାର ରାତିରେ କାଠି ଶଙ୍ଖୁଆଲଙ୍କ ଘରେ ଗ୍ରାମର ରବିନ୍ଦ୍ର ଖଣ୍ଡୁଆଲ ନିଆଁ ଲଗାଇ ଦେଇଛନ୍ତି। ଅଗ୍ନିକାଣ୍ଡରେ ୨ ବଖରା ସମ୍ପୂର୍ଣ୍ଣ ଜଳିଯାଇଛି। ପୂର୍ବ ଶତ୍ରୁତା କାରଣରୁ ରବିନ୍ଦ୍ର ନିଆଁ ଲଗାଇ ଥିବା ନେଇ କାଠି ଶନିବାର ସୋସୋ ଥାନାରେ ଅଭିଯୋଗ କରିଛନ୍ତି। ପୋଲିସ ମାମଲା (ନଂ. ୩୦/୨୦୨୫) ରୁଜୁ କରି ଅଭିଯୁକ୍ତ ରବୀନ୍ଦ୍ର ଖଣ୍ଡୁଆଲଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ବିଜୟ ବିହାରୀ ସୂଚନା ଦେଇଛନ୍ତି।

## କେନ୍ଦୁଝର

# କାନ୍ଝରୀ ଡ୍ୟାମ ବାମପାର୍ଶ୍ୱ କେନାଲ କାମ ଆରମ୍ଭ

**କେନ୍ଦୁଝର,୧୫।୨(ଦୀପକ ମିଶ୍ର)**

କେନ୍ଦୁଝର ଜିଲା କାନ୍ଝରୀଠାରେ ଥିବା କାନ୍ଝରୀ ଡ୍ୟାମର ବାମପାର୍ଶ୍ୱ କେନାଲ ପୁନରୁଦ୍ଧାର କାମ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। କେନାଲ ପୋତି ହେବା ସହ ଭାଙ୍ଗି ରୁଜି ଯାଇଥିବାରୁ ତଳମୁଣ୍ଡକୁ ପାଣି ଯିବାରେ ସମସ୍ୟା ହେଉଥିଲା। ଏହାର ମରାମତି ସହ ପଙ୍କ ଉଦ୍ଧାର କରିବାକୁ ଚାଷୀ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଥିଲେ। ଜଳ ସମ୍ପଦ ବିଭାଗ ପକ୍ଷରୁ କାମ କରାଯାଉଥିବା ବେଳେ ମେ ମାସ ମଧ୍ୟରେ ସମ୍ପୂର୍ଣ୍ଣ କାମ ଶେଷ ହେବ। ତେଣୁ ଚଳିତ ବର୍ଷ ବାମପଟ କେନାଲରେ ପାଣି ଛଡ଼ା ଯିବନାହିଁ। ଏଥିପାଇଁ କାନଝରୀ ଜଳସେଚନ ଉପଖଣ୍ଡ ଅଧିକାରୀ ଚର୍ତୁଭୁଜ ନାୟକ ଜନସାଧାରଣ ତଥା ଚାଷୀଙ୍କ ସହଯୋଗ କାମନା କରିଛନ୍ତି।

ପ୍ରକାଶ ଯେ, କାନ୍ଝରୀ ବାମପାର୍ଶ୍ୱ କେନାଲ ଚକଠାରୁ କଣ୍ଟିଆପଡ଼ା ଏବଂ ଗୋଡ଼ିପୋଖରୀ ପର୍ଯ୍ୟନ୍ତ ୨୧ କି.ମି. କେନାଲ ଭାଙ୍ଗି ଯାଇଛି। ଫଳରେ ଚକ, ଡୁମୁରିଆ, ଜଗନ୍ନାଥପୁର, ତାଳପଦା, କଣ୍ଟିଆପଡ଼ା, ଯମୁନାପଶି, ଗୋଡ଼ିପୋଖରୀ, ବରୁଡ଼ିପଶି, କୋଡ଼ଖମଣ, ପଦ୍ମକେଶରପୁର, ଭୃଙ୍ଗରାଜପଶି ଏବଂ ନୂଆଗାଁ ଗ୍ରାମକୁ ଜଳ ପହଞ୍ଚି ପାରୁ ନ ଥିଲା। ଦୀର୍ଘ ୩୫ବର୍ଷ ଧରି ସ୍ଥାୟୀ ମରାମତି ହୋଇ ନ ଥିବାରୁ ଅନେକ ସ୍ଥାନରେ ପାଣି ଲିକ୍ ହେଉଥିଲା। ଏହାକୁ ଦୃଷ୍ଟିରେ ରଖି ଜଳସମ୍ପଦ ବିଭାଗ ପକ୍ଷରୁ ବାମପଟ କେନାଲର ୪ଟି ମାଇନର କେନାଲ ଡୁମୁରିଆ, ଗମ୍ଭାରିଆ, ପଦ୍ମପୁର ଏବଂ ଗୋଡିପୋଖରୀର ସ୍ଥାୟୀ ମରାମତି ପାଇଁ ଟେଣ୍ଡର କରାଯାଇ କାମ ଆରମ୍ଭ ହୋଇଛି। ଏଥିସହ ବାମପଟ ମୁଖ୍ୟ କେନାଲର ସଫେଇ କାମ ଏବଂ କଂକ୍ରିଟ ଲାଇନିଂ କରାଯାଉଛି। ବାମପଟ କେନାଲର କାମ ଶେଷ ହେଲେ ଅଧିକ ୨ ହଜାର ହେକ୍ଟର ଜମିକୁ ଜଳସେଚନ ହୋଇପାରିବ ବୋଲି ଜଳସେଚନ ଉପଖଣ୍ଡ ଅଧିକାରୀ ନାୟକ କହିଛନ୍ତି।

ସୂଚନାଯୋଗ୍ୟ, କୃଷିକ୍ଷେତ୍ରର ବିକାଶ ପାଇଁ କେନ୍ଦୁଝର ଜିଲା କାନଝରୀଠାରେ କାନଝରୀ ମଧ୍ୟମ ଜଳସେଚନ ପ୍ରକଳ୍ପ କରାଯାଇଥିଲା। ପ୍ରକଳ୍ପ ୧୯୮୯ରେ କାର୍ଯ୍ୟକ୍ଷମ ହୋଇ ପାଣି ଯୋଗାଇ ଆସୁଥିଲା। କାନ୍ଝରୀ ନଦୀ ବନ୍ଧ ଉପରେ ସଦର, ଘଟଗାଁ ଏବଂ ପାଟଣା ବ୍ଲକର ୭ ପଞ୍ଚାୟତ ଅଧୀନସ୍ଥ ୯୬ଟି ଗ୍ରାମର ଚାଷୀ ଉପକୃତ ହେଉଛନ୍ତି। ନଦୀବନ୍ଧର ଆୟକଟ ଏରିଆ ୧୦ ହଜାର ୯୦୦ ହେକ୍ଟର ଥିବାବେଳେ ଜଳଧାରଣ କ୍ଷମତା କମୁଥିବାରୁ ଖରିଫ ଋତୁରେ ୬୫୦୦ ହେକ୍ଟର ଏବଂ ରବି ଋତୁରେ ୨୮୦୦ ହେକ୍ଟର ଜମିକୁ ଜଳସେଚନ ହୋଇପାରୁଛି। ଜଳ ଭଣ୍ଡାର କ୍ଷମତା ୩୪୫୧.୭୬ ହେକ୍ଟର ଏରିଆ ପର ମିଟର ଥିବାବେଳେ ପଙ୍କ ଏବଂ ମାଟିରେ ପୋତି ହୋଇ ଯାଉଥିବାରୁ ଜଳଧାରଣ କ୍ଷମତା ମଧ୍ୟ ହ୍ରାସ ପାଇଛି।

## ପୁରୁଷୋତ୍ତମ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଯୋଡ଼ା,୧୫।୨(ମାନସ ମହାନ୍ତି):** କେନ୍ଦୁଝର ଜିଲା ଯୋଡ଼ାସ୍ଥିତ କେନ୍ଦ୍ରୀୟ ଖେଳପଡ଼ିଆଠାରେ ଦି ୱାର୍ଲଡ ଗ୍ରୁପ ପକ୍ଷରୁ ପୁରୁଷୋତ୍ତମ କ୍ରିକେଟ୍ ମେମୋରିଆଲ କ୍ରିକେଟ୍ ଟୁର୍ନାମେଣ୍ଟ ଶନିବାର ସକାଳ ୯ଟାରେ ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଯୋଡ଼ା ଟାଟାଷ୍ଟିଲ ମୁଖ୍ୟ ରାଜେଶ କୁମାର, ସମ୍ମାନିତ ଅତିଥିଭାବେ ଯୋଡ଼ା ପୌରପାଳିକା ଅଧ୍ୟକ୍ଷ ଜଗଦିଶ ପ୍ରସାଦ ସାହୁ, ପୌର କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ୱେତପଦ୍ମା ଧଳ, ଦି ୱାର୍ଲଡ ଗ୍ରୁପର ଅଧ୍ୟକ୍ଷ ଦୁଃଶାସନ ସାହୁ, ପରିଚାଳନା ନିର୍ଦ୍ଦେଶକ ଶ୍ରୀନିବାସ ସାହୁ, ନିର୍ଦ୍ଦେଶକ ସୁପ୍ରସନ୍ନା ସାହୁ, ନିର୍ଦ୍ଦେଶକ ଅଜିତ୍ ରଥ, ନିର୍ଦ୍ଦେଶକ ସୋନାଲ ସାହୁ, ନିର୍ଦ୍ଦେଶକ ଜେ. କ୍ରିଷ୍ଣାନ, ନିର୍ଦ୍ଦେଶକ ସୋଫିନା ସାହୁ ଉପସ୍ଥିତ ରହି ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟରେ ରାଜ୍ୟ ଓ ରାଜ୍ୟ ବାହାରୁ ଦି ୱାର୍ଲଡ ଗ୍ରୁପର ୮ ଟି ଟିମ୍ ଅଂଶ ଗ୍ରହଣ କରିଥିବା ଜଣାପଡ଼ିଛି।

## ନର୍ସିଂ କଲେଜର ସ୍ୱାଗତ ଉତ୍ସବ

**କେନ୍ଦୁଝର,୧୫।୨(ଦୀପକ ମିଶ୍ର):** କେନ୍ଦୁଝର ସହର ଉପକଣ୍ଠ ଡିମ୍ବୋସ୍ଥିତ ରୋଟାରିୟାନ ଇଂ. ବସନ୍ତ ଦାନୀଙ୍କ ଦ୍ୱାରା ପ୍ରତିଷ୍ଠିତ କେନ୍ଦୁଝର ନର୍ସିଂ କଲେଜ ଆନୁକୂଲ୍ୟରେ ଶୁକ୍ରବାର ନୂତନ ଭାବେ ପ୍ରବେଶ କରିଥିବା ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। କାର୍ଯ୍ୟକ୍ରମରେ ଅନୁଷ୍ଠାନର ରୋଟାରିୟାନ ଇଂ. ବସନ୍ତ ଦାନୀ, କେଏସଇ ପ୍ରିନ୍ସପାଲ ଇଂ. ଅରୁଣ ପ୍ରକାଶ କାନୁନଗୋ, ଫାର୍ମାସୀ କଲେଜର ପ୍ରିନ୍ସପାଲ ପ୍ରଫୁଲ୍ଲ କୁମାର ସାହୁ, ଡାଇରେକ୍ଟର ସି.ଦେବ ଦାନୀ, ଆଡମିନିଷ୍ଟ୍ରେଟର ବିଭୁତି ଭୂଷଣ ସାହୁ ଏବଂ ସମସ୍ତ ଅଧ୍ୟାପିକା ମିସ ରିତୁପୂର୍ଣ୍ଣା, ପ୍ରିୟଦର୍ଶିନୀ, ବବିତା ମହାନ୍ତ, ରାନୀମଣି ବାରିକ ଉପସ୍ଥିତ ଥିଲେ। ଶେଷରେ ନୂତନ ପିଲାଙ୍କ ମଧ୍ୟରୁ ମିଷ୍ଟର ଫ୍ରେସର ଭାବେ ରଶ୍ମିରଞ୍ଜନ ମହାନ୍ତ ଏବଂ ମିସ ଫ୍ରେସର ଭାବେ ପାୟଲ ସାହୁଙ୍କୁ ଘୋଷଣା କରାଯାଇ କେନ୍ଦୁଝର ନର୍ସିଂ କଲେଜ ପ୍ରିନ୍ସପାଲଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।

# ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତୀତ୍ୱ ଲାଭ କରିଥିବା ପ୍ରମୋଦ ମହାନ୍ତଙ୍କ ମା' ପ୍ରମିଳା ମହାନ୍ତଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ପାଟଣା,୧୫।୨(ବୀରକିଶୋର ଦାଶ)**

କେନ୍ଦୁଝର ଜିଲା ପାଟଣା ବ୍ଲକ୍ ଏରେଣ୍ଡେଇ ପଞ୍ଚାୟତ ବେଗୁନାଖମଣସ୍ଥିତ ପଞ୍ଚାୟତ ହାଇସ୍କୁଲ ଏରେଣ୍ଡେଇର ଦ୍ୱାବିଂଶତମ ବାର୍ଷିକ ଉତ୍ସବ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନଶିକ୍ଷକ ସୁରେଶ ଚନ୍ଦ୍ର ମହାନ୍ତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ପାଟଣା ଗୋଷ୍ଠୀ ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଅମାନ୍ତ, ମୁଖ୍ୟ ବକ୍ତାଭାବେ ଆଇନଜୀବୀ ମହେଶ୍ୱର ପୃଷ୍ଟି, ସମ୍ମାନିତ ଅତିଥିଭାବେ ଏରେଣ୍ଡେଇ ସରପଞ୍ଚ ପାର୍ବତୀ ଦେହୁରୀ, ଅବସରପ୍ରାପ୍ତ ଶିକ୍ଷକ ମଧୁସୂଦନ ପ୍ରଧାନ, ବିଦ୍ୟାଳୟର ପୂର୍ବତନ ସମ୍ପାଦକ ନରେନ୍ଦ୍ର କୁମାର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ। ସହକାରୀ ଶିକ୍ଷକ ଶ୍ରୀନିବାସ ଶତପଥି ଅତିଥି ପରିଚୟ ପ୍ରଦାନ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ବିଜ୍ଞାନ ଶିକ୍ଷୟିତ୍ରୀ ମଣ୍ଡେଶ୍ୱରୀ ମହାନ୍ତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ପ୍ରାକ୍ତନ ଛାତ୍ର ପ୍ରମୋଦ କୁମାର ମହାନ୍ତ ୨୦୨୪ରେ ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ କୃତୀତ୍ୱ ଲାଭ କରିଥିବାରୁ ତାଙ୍କ ଅନୁପସ୍ଥିତିରେ ତାଙ୍କ ମା' ପ୍ରମିଳା ମହାନ୍ତଙ୍କୁ ବିଦ୍ୟାଳୟ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟର କର୍ମଚାରୀ ଗଣେଶ୍ୱର ବେଜଙ୍କ ଉତ୍ସର୍ଗୀକୃତ କାର୍ଯ୍ୟ ଦକ୍ଷତା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ ଲକ୍ଷ୍ମଣ ମହାନ୍ତ, ମନୋରଞ୍ଜନ ମହାନ୍ତ ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ଅନ୍ଧାରିରେ ଫୁଟ୍‌ବଲ ଟୁର୍ନାମେଣ୍ଟ, ଲିଲିଏଫ୍‌ସି ଚାମ୍ପିୟନ



ବିଜେତା ଦଳ ପୁରସ୍କାର ରାଶି ଗ୍ରହଣ କରୁଛନ୍ତି।

**ବଡଲା,୧୫।୨(ଦୁର୍ଗା ପ୍ରସାଦ ଆୟଚ)**

ହାଟଡ଼ିହୀ ବ୍ଲକ୍ ପଡିଆରିପଲି ପଞ୍ଚାୟତ ଅନ୍ଧାରି ମାଝୀ ସାହିରେ ତିଳକ୍ ମାଝୀ ମିନି ଷ୍ଟାଡ଼ିୟମରେ ୧୬ତମ ଫୁଟ୍‌ବଲ ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୩୨ଟି ଆଦିବାସୀ ଟିମ୍ ଭାଗ ନେଇଥିବା ବେଳେ ଲିଲିଏଫସି ଓ ଯାଜପୁର ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଲିଲିଏଫ୍‌ସି ଚାମ୍ପିୟନ ହୋଇଥିଲା। ଖେଳ ସମୟରେ କୁନି କୁନି ପିଲାଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ବ୍ଲକ୍ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ମୁଖ୍ୟ ବକ୍ତାଭାବେ ଜିଲା ପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଅତିଥିଭାବେ ସରପଞ୍ଚ ଅଜିତ୍ ରାଉତ୍, ଅମୁଲ୍ୟ ମିଶ୍ର, ସମିତି ସଭ୍ୟାଙ୍କ ପ୍ରତିନିଧି ବଳରାମ ଗିରି, ଗୋପାଳ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲବ୍‌ର ସମ୍ପାଦକ ଗଙ୍ଗାରାମ ସୁରେନ୍, ସଭାପତି ରମେଶ ସୁରେନ୍, ଜୟରାମ ମୁର୍ମୁ, ଶଙ୍କର ହାସଦା ପ୍ରମୁଖ ପରିଚାଳନା କରିଥିବା ବେଳେ ସଦସ୍ୟ ଓ ଗ୍ରାମବାସୀ ସହଯୋଗ କରିଥିଲେ।

## ୩ ବାଲି ବୋଝେଇ ହାଇୱା ଜବତ

**ହାଟଡ଼ିହୀ,୧୫।୨(ଶୁଭକାନ୍ତ ନାୟକ):** କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ପୋଲିସ ଶୁକ୍ରବାର ରାତିରେ ଚଢ଼ାଉ କରି ୩ ବାଲି ବୋଝେଇ ହାଇୱା ଜବତ କରିଛି। ଜବତ ଗାଡ଼ି ଥାନାରେ ରଖାଯାଇଥିବା ବେଳେ ଜରିମାନା ଆଦାୟ ପରେ ଛଡ଼ାଯିବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି। ବୈତରଣୀରୁ ବେନିୟମ ଭାବେ ବାଲି ଚୋରାଚାଲାଣ ହେଉଛି। ଏ ନେଇ ଅଭିଯୋଗ ପରେ ନୂତନ ଥାନା ଅଧିକାରୀ ଭାବେ ଯୋଗଦେଇଥିବା ଆଇପିଏସ ଅଧିକାରୀ ରାକେଶ କୁମାର ସାହୁଙ୍କ ନେତୃତ୍ୱରେ ଇନ୍ସପେକ୍ଟର ରବୀନ୍ଦ୍ର ପାତ୍ର, କେନ୍ଦୁଝର ଖଣି ବିଭାଗର ଅଧିକାରୀ ତାରିଣୀ ସିଂ ଏବଂ ଅନ୍ୟ କର୍ମଚାରୀ ଶାଳନିଆଁ ନିକଟରେ ଲୁଚି ରହିଥିଲେ। ବାଲି ବୋଝେଇ ଗାଡ଼ିଗୁଡ଼ିକୁ ଯାଞ୍ଚ ନିମନ୍ତେ ଅଟକାଇଥିବା ବେଳେ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲେ। ୩ ବାଲି ବୋଝେଇ ହାଇୱାକୁ ଜବତ କରି ଥାନା ନିକଟରେ ରଖାଯାଇଛି। ଥାନା ଅଧିକାରୀ ତଥା ଆଇପିଏସ ସାହୁ କହିଛନ୍ତି, ଆଇନ ଅନୁସାରେ ସମସ୍ତ କାର୍ଯ୍ୟ ହେବ। କେନ୍ଦୁଝର ଖଣି ଅଧିକାରୀ ତାରଣୀ ସିଂ କହିଛନ୍ତି, ୩ ହାଇୱା ମାଲିକଙ୍କୁ ଆରସି ବହି ଆଣିକି ଦେବା ପାଇଁ କୁହାଯାଇଛି। ବହି ଅନୁସାରେ ଜରିମାନାର ପରିମାଣ ଧାର୍ଯ୍ୟ ହେବ।

## ୧୭ରେ ଅନନ୍ତ ଗୋପାଳ ମଠରେ ନୂତନ ମନ୍ଦିରର ରତ୍ନମୁଦ

**ଆନନ୍ଦପୁର,୧୫।୨(ସୁଶାନ୍ତ ସାହୁ)**

ଆନନ୍ଦପୁର ଉପଖଣ୍ଡ ହାଟଡ଼ିହୀ ବ୍ଲକ୍ ବଞ୍ଜୋ ଗ୍ରାମ ମନ୍ଦିର ମାଳିନୀ ଗ୍ରାମଭାବେ ଜଣାଶୁଣା। ଗ୍ରାମରେ ଜଗନ୍ନାଥ ମହାପ୍ରଭୁଙ୍କ ମନ୍ଦିର ଶୋଭା ପାଉଥିବାବେଳେ ମା' ବରାହୀଙ୍କ ମନ୍ଦିର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ଏହା ସହିତ ଶନିଦେବ, ମା' ଧନେଇ, ହନୁମାନ, ମା' ମଙ୍ଗଳା, ମା' ତାରିଣୀ, ରାଧାକୃଷ୍ଣ, ଗଣେଶ, ଶ୍ରୀରାମଙ୍କ ମନ୍ଦିର ଓ ମହାଦେବଙ୍କ ମନ୍ଦିର ଗ୍ରାମରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରୁଛି। ଏବେ ଗ୍ରାମରେ ଥିବା ଅନନ୍ତ ଗୋପାଳ ମଠରେ ନୂତନ ଭାବେ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ଉପନୀତ ହୋଇଛି। ମନ୍ଦିରର ରତ୍ନମୁଦ କାର୍ଯ୍ୟ ବାକି ରହିଥିବାବେଳେ ଚଳିତ ମାସ ୧୭ ତାରିଖରେ ଏହି କାର୍ଯ୍ୟ ସମ୍ପାଦିତ ହେବ ବୋଲି ସୂଚନା ରହିଛି। ଗ୍ରାମବାସୀଙ୍କ ସହଯୋଗରେ ଏହି ମନ୍ଦିର ନିର୍ମାଣ ହୋଇଛି। ସୂଚନାଯୋଗ୍ୟ, ଗ୍ରାମରେ ରହିଥିବା ବହୁ ପୁରାତନ ଅନନ୍ତ ଗୋପାଳ ମଠରେ ରହିଥିବା ଠାକୁରଙ୍କ ଘର ୧୯୯୯ ମହାବାତ୍ୟା ସମୟରେ ପ୍ରଭାବିତ ହୋଇଥିଲା। ଗ୍ରାମର ମାର୍କଣ୍ଡ ଚରଣ ଓଝା, ଶ୍ରୀଧର ପାଢ଼ୀ, ପ୍ରଶାନ୍ତ ପଟ୍ଟନାୟକ, ଅନ୍ତର୍ଯ୍ୟାମୀ ବିଶ୍ୱାଳ, ସନାତନ ଓଝା, ବିମଳ ଜେନା, ଯଦୁମଣି ପଟ୍ଟନାୟକ, ଗିରିଧାରୀ ପଟ୍ଟନାୟକ, ଅଜୟ ବରାଳ, ସୁଧାଂଶୁ ରାଉତଙ୍କ ସମେତ ସରପଞ୍ଚ ପ୍ରଶାନ୍ତ ରାଉତ, ପୂର୍ବତନ ସରପଞ୍ଚ ଶଶାଙ୍କ ଶେଖର ପୁହାଣ, ସାମାଜିକ କର୍ମୀ ସୁଶାନ୍ତ ବିଶ୍ୱାଳ ପ୍ରମୁଖଙ୍କ ସହଯୋଗରେ ମଠରେ ନୂତନ ଭାବେ ମନ୍ଦିର ନିର୍ମାଣ କରାଯାଇଛି।

## ମୟୂରଭଞ୍ଜ

# ଝାରପୋଖରିଆ ସୀମାନ୍ତ ଯୁବ ମହୋତ୍ସବ ଉଦ୍‌ଘାଟିତ



ଉଦ୍‌ଘାଟନୀ ଅବସରରେ ଉପସ୍ଥିତ ଅତିଥି।

**ଝାରପୋଖରୀଆ, ୧୫।୨(ସୁଧୀର କୁମାର ମହାନ୍ତ)**

ଝାରପୋଖରୀଆ (ବମ୍ଫେଛକ) ସ୍ଥିତ ସୀମାନ୍ତ ଯୁବ ମହୋତ୍ସବ ସମିତି ଆନୁକୂଲ୍ୟରେ ଅନୁଷ୍ଠିତ ଯୁବ ମହୋତ୍ସବ ଶୁକ୍ରବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଜିଲା ପ୍ରଶାସନିକ ଅଧିକାରୀ ତଥା ଉପଜିଲାପାଳ ଦୟାସିନ୍ଧୁ ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଅତିରିକ୍ତ ଚିକିତ୍ସାଧିକାରୀ ଡାକ୍ତର ବିଜୟ କୁମାର ଦାସ, ସମ୍ମାନିତ ଅତିଥି ଭାବେ ସାରସକଣା ତହସିଲଦାର ମନୋଜ କୁମାର କାର୍ଜି, ଝାରପୋଖରିଆ ଥାନା ଅଧିକାରୀ ମୃତ୍ୟୁଞ୍ଜୟ ପ୍ରଧାନ, ସମିତିର ଉପଦେଷ୍ଟା ପ୍ରଫେସର ଡକ୍ଟର ସରୋଜ କୁମାର ନାୟକ, ଯୁବ ମହୋତ୍ସବର ସଂଚାଳକ ମଳୟ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସୀମାନ୍ତ ଯୁବ ମହୋତ୍ସବ ସମିତି ସଭାପତି ଅଶୋକ ପୁଷ୍ଟିଙ୍କ ସଭାପତିତ୍ୱରେ ପରିଚାଳିତ ସଭାରେ ଡକ୍ଟର ସରୋଜ କୁମାର ନାୟକ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ । ଯୁବ ମହୋତ୍ସବ ସମିତିର ସମ୍ପାଦକ ବାସୁଦେବ ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ସାନ୍ଧ୍ୟକାଳୀନ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ଝାରପୋଖରିଆ ଲିଟିଲ୍ ଷ୍ଟାର ସ୍କୁଲ, ବିଗ୍ରେଡ ସୈନିକ ସ୍କୁଲ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରୀଛାତ୍ର ବିଭିନ୍ନ କାର୍ଯ୍ୟକ୍ରମ ପରିବେଷଣ କରିଥିବା ବେଳେ ସାନଚାଟରା ମା'ମଙ୍ଗଳା ଡ୍ୟାନ୍ସ ଗ୍ରୁପ୍ ଓ ଏକଡାଳି ଏକେଶ୍ୱର ମେଲୋଡି ଗ୍ରୁପ୍ ସହିତ ବିଭିନ୍ନ ଅନୁଷ୍ଠାନର କଳାକାରମାନଙ୍କ ଦ୍ୱାରା ନାଚ, ଗୀତ ପ୍ରଦର୍ଶିତ ହୋଇଥିଲା । କାର୍ଯ୍ୟକ୍ରମକୁ ପରିଚାଳନାରେ ମହୋତ୍ସବ ସମିତିର ସୁମନ କୁମାର ସାହୁ, ଦିବ୍ୟରଞ୍ଜନ ମହାନ୍ତ ସହଯୋଗ କରିଥିଲେ।

## ବୈଶିଙ୍ଗାଠାରେ ଦମକଳ କେନ୍ଦ୍ର ପ୍ରତିଷ୍ଠା ଦାବି

**ବୈଶିଙ୍ଗା, ୧୫।୨(ରତନ ଦାଶ)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଅଞ୍ଚଳରେ ଏକ ଦମକଳ କେନ୍ଦ୍ର ସ୍ଥାପନ କରାଯିବା ପାଇଁ ଦୀର୍ଘ ୨୦ବର୍ଷ ଧରି ଦାବି ହୋଇଆସୁଛି। ୨୪ଟି ପଞ୍ଚାୟତର ୨୨୨ଟି ରାଜସ୍ୱ ଗ୍ରାମରେ ୧,୩୦,୦୦୦ ଜନସାଧାରଣ ଥିବା ବେଳେ ବେତନଟୀ ବ୍ଲକର ବେତନଟୀଠାରେ ଏକମାତ୍ର ଦମକଳ କେନ୍ଦ୍ର ସ୍ଥାପିତ ହୋଇଛି। ଅନ୍ୟପକ୍ଷରେ ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ବେତନଟୀ ଦମକଳ କେନ୍ଦ୍ରଠାରୁ ପୁରୁଣିଆ, ଅଁଳା, ହରିପୁର, ମଙ୍ଗଁଷାଶୋଳ ଆଦି ଗ୍ରାମଗୁଡ଼ିକର ଦୂରତା ୩୦ କି.ମି. ହୋଇଥିବା ଯୋଗୁ ଦମକଳ ଗାଡ଼ି ପହଞ୍ଚିବାରେ ବହୁ ବିଳମ୍ବ ହୋଇଥାଏ। ପହଞ୍ଚିବା ବେଳକୁ ଘରଦ୍ୱାର, ନଡ଼ାଗଦା , ଗୃହପାଳିତ ପ୍ରାଣୀ ପକ୍ଷୀ ଆଦି ସବୁ କିଛି ପୋଡ଼ି ପାଉଁଶ ହୋଇଯାଇଥାଏ।

ବୈଶିଙ୍ଗା ଓ ବେତନଟୀ ଅଞ୍ଚଳର ଭୌଗୋଳିକ ସ୍ଥିତିକୁ ସରଜମିନ ତଦନ୍ତ କରାଯାଇ ଏକ ନୂତନ ଦମକଳ କେନ୍ଦ୍ର ସ୍ଥାପନ ପାଇଁ ପ୍ରଶାସନ ପଦକ୍ଷେପ ଗ୍ରହଣ କରାଯିବା ଜରୁରୀ ହୋଇପଡ଼ିଛି ବୋଲି ବରିଷ୍ଠ ଶିକ୍ଷାବିତ୍ ସଞ୍ଜୟ କୁମାର ମିଶ୍ର ଓ ସୀତାନାଥ ବେହେରା , କେନ୍ଦୁଆ ସରପଞ୍ଚ ମନମୋହନ ମାଝି, ବୈଶିଙ୍ଗା ସରପଞ୍ଚ ସାବିତ୍ରୀ ମୁର୍ମୁ , ସନ୍ତରା ପଞ୍ଚାୟତ ସରପଞ୍ଚ ଲକ୍ଷ୍ମିପ୍ରୀୟା ହାଁସଦା, ଯୁଗପୁରା ରେଳଷ୍ଟେଶନ ସୁରକ୍ଷା ପରିଷଦ ସଭାପତି ଅଶ୍ୱିନୀ କୁମାର ମହାରଣା, ବୈଶିଙ୍ଗା ମିଡ଼ିଆ ସେଣ୍ଟରର ବିମଳେନ୍ଦୁ ମହାପାତ୍ର , ଓଡ଼ିଶା କମ୍ପ୍ୟୁଟର ଏକାଡ଼େମୀ ସଂସ୍ଥାପକ ମଧୁସୂଦନ ମହାନ୍ତି, ଆଇନଜୀବୀ ମନୋଜ କୁମାର ପଣ୍ଡା ପ୍ରମୁଖ ପ୍ରକାଶ କରିଛନ୍ତି। ସ୍ଥାନୀୟ ବଡ଼ସାହି ବିଧାୟକ ସନାତନ ବିଜୁଳିଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ କହିଲେ ଏଠାରେ ଏକ ଦମକଳ କେନ୍ଦ୍ର ଖୋଲାଯିବା ପାଇଁ ବିଭିନ୍ନ ମହଲରୁ ଦାବି ସେ ପାଇଛନ୍ତି ଏବଂ ଚଳିତ ବିଧାନସଭା ଶୀତକାଳୀନ ଅଧିବେଶନରେ ଏ ବାବଦରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ।

## ପୁଲ୍‌ୱାମା ଆକ୍ରମଣରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି

**ରାଇରଙ୍ଗପୁର,୧୫।୨(ମାନସ ମହାନ୍ତି)**

ମୟୂରଭଞ୍ଜ ଜିଲା ରାଇରଙ୍ଗପୁର ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି) ପକ୍ଷରୁ ପୁଲୱାମାରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ପ୍ରତି ଶୁକ୍ରବାର ସନ୍ଧ୍ୟା ୬ ଟାରେ ସଂଗଠନ କର୍ମକର୍ତ୍ତା ଏବଂ ଛାତ୍ରୀଛାତ୍ର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ ଶୋଭାଯାତ୍ରାରେ ଆସି ସ୍ଥାନୀୟ ଦୁର୍ଗା ମଣ୍ଡପ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ପାର୍ଶ୍ୱ ନିକଟରେ ମହମବତୀ ପ୍ରଜ୍ୱଳନ କରି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି କାମନା କରିଥିଲେ। କାର୍ଯ୍ୟକ୍ରମରେ ଭାଜପା ଦଳୀୟ ପଶ୍ଚିମ ମୟୂରଭଞ୍ଜ ଜିଲା ଶାଖା ସଂଗଠନ ଏବିଭିପି ଜିଲା ସଂଯୋଜକ ପରମେଶ୍ୱର ବେହେରା, ଭବାନୀ ଶଙ୍କର ମହାନ୍ତ, ହରେକୃଷ୍ଣ ମହାନ୍ତ, ଚିନ୍ମୟ ବାରିକ, ସମ୍ପିତ ମହାନ୍ତିଙ୍କ ସମେତ ଛାତ୍ରୀଛାତ୍ର ପ୍ରଜ୍ଞାପରମିତା ସାହୁ, ଅଙ୍କିତା ବାରିକ ଏବଂ ପ୍ରୀୟା ସୋରେନଙ୍କ ସମେତ ଶତାଧିକ ଏବିଭିପି ସଂଗଠନର କର୍ମଚାରୀ ଏବଂ ବିଭିନ୍ନ କଲେଜର ଛାତ୍ରୀଛାତ୍ର ସାମିଲ ଥିଲେ।




ଶହୀଦଙ୍କ ଉଦ୍ଦେଶ୍ୟରେ ପ୍ରାର୍ଥନା କରାଯାଉଛି।

## ରେସ୍ ଅଫ୍ ଦି ରୋଡ୍ ଆରମ୍ଭ

**ବାରିପଦା,୧୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ):** ମୟୂରଭଞ୍ଜ ଜିଲା ବାରିପଦା ଉପକଣ୍ଠ ରାଜାବସା ପଡ଼ିଆରେ ଫେଡେରେସନ ଅଫ ମୋଟର ସ୍ପୋର୍ଟ୍ସ କ୍ଲବ୍ ଇଣ୍ଡିଆ ଆନୁକୂଲ୍ୟରେ ୨ ଦିନିଆ ରେସ ଅଫ୍ ଦି ରୋଡ୍-୩ ଶନିବାର ପୂର୍ବାହ୍ନ ୧୧ଟାରେ ଅନୁଷ୍ଠିତ ହୋଇଯାଇଛି। ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ ଉପସ୍ଥିତ ଏହି ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। କଳିଙ୍ଗ ମୋଟର ସ୍ପୋର୍ଟ୍ସ କ୍ଲବ୍ ଜରିଆରେ ଅନୁଷ୍ଠିତ ପ୍ରଥମ ଦିବସରେ ୩୪ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ରେସିଂ କାର୍ଯ୍ୟକ୍ରମଟି ରାସ୍ତାରେ ନ ହୋଇ ପଡ଼ିଆ ମଧ୍ୟରେ ହୋଇଥିଲା। ୩ ମିନିଟ୍ ବ୍ୟବଧାନରେ ବାଇକ୍‌ଗୁଡ଼ିକ ସାଢ଼େ ୮ କି.ମି, ରେସିଂ ଟ୍ରାକ୍‌ରେ ଚାଳକମାନେ ନିଜର ପ୍ରତିଭା ପ୍ରଦର୍ଶନ କରିଥିଲେ। ରେସିଂ ପୂର୍ବଦିନ ବାଇକ୍ ଓ କାଥରଗୁଡ଼ିକର ଯାଞ୍ଚ ପ୍ରକ୍ରିୟା କରାଯାଇଥିଲା। ଏଭଳି ପ୍ରତିଯୋଗିତା ଦକ୍ଷିଣ ଭାରତରେ ଅନୁଷ୍ଠିତ ହେଉଥିବା ବେଳେ ଏହା ପ୍ରଥମଥର ପୂର୍ବ ଭାରତର ବାରିପଦାଠାରେ ଅନୁଷ୍ଠିତ ହୋଇଛି। ସୁନ୍ଦର ଭାବେ ରେସିଂ ଟ୍ରାକ୍ ପ୍ରସ୍ତୁତି କରାଯାଇଥିବାରୁ ପ୍ରତିଯୋଗୀମାନେ ଉତ୍ତମ ପ୍ରଦର୍ଶନ କରିପାରିଥିଲେ। ରବିବାର ୪ ଚକିଆ ମୋଟର ସ୍ପୋର୍ଟିଂ ରେସ୍ ଓଡ଼ିଶାରେ ପ୍ରଥମ ଥର ଅନୁଷ୍ଠିତ ହେବ। ଏ ନେଇ ୩୦ ଜଣ ପ୍ରତିଯୋଗୀ ରେଜିଷ୍ଟ୍ରେଶନ କରିଥିବା ନେଇ ଜଣାପଡ଼ିଛି। ଏହାର ସଂଖ୍ୟା ବୃଦ୍ଧି ପାଇବ ବୋଲି ଆଶା କରାଯାଇଛି। ବାଇକ୍ ଓ କାର ରେସିଂରେ ଉଭୟ ବର୍ଗରୁ ୧୨ଟି ପର୍ଯ୍ୟାୟରେ ୩୬ ଜଣଙ୍କୁ ପୁରସ୍କୃତ କରାଯିବ ବୋଲି ଜଣାପଡ଼ିଛି। ବିଜେତାଙ୍କ ନାମ ଘୋଷଣା କରାଯାଇ ସେମାନଙ୍କୁ ଟ୍ରଫି ଓ ଅର୍ଥରାଶି ପ୍ରଦାନ କରାଯିବ ବୋଲି କଳିଙ୍ଗ ମୋଟର ସ୍ପୋର୍ଟିଂ କ୍ଲବ୍ ପକ୍ଷରୁ ଜଣାପଡ଼ିଛି।

## ଶିଶିର ବେହେରାଙ୍କୁ 'ସାରସ୍ୱତ ଯୁବ ସମାଲୋଚକ ସମ୍ମାନ'

**ବାରିପଦା,୧୫।୨(ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅଧୀନ ଗଡିଆସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପକ୍ଷରୁ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗର ସହକାରୀ ପ୍ରଫେସର ଡ. ଶିଶିର ବେହେରାଙ୍କୁ ଚଳିତବର୍ଷର 'ସାରସ୍ୱତ ଯୁବ ସମାଲୋଚକ ସମ୍ମାନ' ପ୍ରଦାନ କରାଯାଇଛି। ଶୁକ୍ରବାର ସନ୍ଧ୍ୟା ୭ଟାରେ ଓଡ଼ିଆ ବିଭାଗର ଦ୍ୱିତୀୟ ବାର୍ଷିକୋତ୍ସବରେ ଡ. ବେହେରାଙ୍କୁ ସାହିତ୍ୟ ସମାଲୋଚନା ପାଇଁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ଯୁବ ଗବେଷକ ଓ ଅନୁବାଦକ ଭାବେ ଓଡ଼ିଆ ସାହିତ୍ୟରେ ସେ ସୁପରିଚିତ। ସମାଲୋଚନା ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ମଧ୍ୟ ଲାଭ କରିଛନ୍ତି। ଉକ୍ତ ଉତ୍ସବକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜଗନ୍ନାଥ ସାତୁଆ ଉଦ୍‌ଘାଟନ କରିଥିଲେ। ବିଭାଗୀୟ ମୁଖ୍ୟ ପୁଷ୍ପାଞ୍ଜଳି ଟିପିରିଆଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ସାହିତ୍ୟିକ ରାଜେନ୍ଦ୍ର ସାମଲ, ସମ୍ମାନିତ ବକ୍ତା ଭାବେ ବାଙ୍ଗିରିପୋଷି ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ଅଧ୍ୟାପକ ଡ. ନିର୍ମଳ ଚନ୍ଦ୍ର ସାହୁ ଯୋଗ ଦେଇଥିଲେ। ଅଧ୍ୟାପିକା ଗାୟତ୍ରୀ ଜାନି ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ଡ. ପ୍ରଭାତ କୁମାର ସାହୁ ବାର୍ଷିକ ଉତ୍ସବର ବିବରଣୀ ପାଠ କରିଥିଲେ। ଅଧ୍ୟାପିକା ଡ. ନିବେଦିତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।




ଗଡିଆସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟରେ ଡ. ଶିଶିର ବେହେରାଙ୍କୁ ସମ୍ମାନିତ କରାଯାଉଛି।

## କ୍ୟାମେରା ମ୍ୟାନ ହୋଇ ଆସିଲେ, ବାଇକ୍ ନେଇ ଚାଲିଗଲେ

**ଉଦଳା, ୧୫।୨(ସନ୍ତୋଷ କୁମାର ବାଛିନି)**

କ୍ୟାମେରା ମ୍ୟାନ ହୋଇ ବରପକ୍ଷରୁ ଆସିଲେ। ବରଯାତ୍ରୀ ପହଞ୍ଚିବା ପରେ ଭିଡ଼ର ସୁଯୋଗ ଦେଖି କନିଆର ଦାଦାଙ୍କ ବାଇକ୍ ଲୁଟିନେଲେ। ଏଭଳି ଘଟଣା ଉଦଳା ଥାନା ବୈରାଟପୁର ଗ୍ରାମରେ ଘଟିଛି। ଗ୍ରାମର ସୁଶୀଲ ମିଶ୍ରଙ୍କ ଝିଅ ବାହାଘର ଶୁକ୍ରବାର ରାତିରେ ହେଉଥିଲା। ରେମୁଣା ଅଞ୍ଚଳରୁ ବରପକ୍ଷ ଆସିବା ସହିତ ତାଙ୍କ କ୍ୟାମେରା ମ୍ୟାନ ମଧ୍ୟ ଆସିଥିଲେ। ବରପକ୍ଷ ପହଞ୍ଚିବା ପରେ କନିଆର ଦାଦା ସ୍ୱରୂପ ମହାପାତ୍ର ବରପକ୍ଷଙ୍କ ନିମନ୍ତେ ଜଳଖିଆ ନେଇ ଯିବାକୁ ବାହାରିବା ସମୟରେ ତାଙ୍କର ବାଇକ ପାଇ ନ ଥିଲେ। ଅନେକ ଖୋଜାଖୋଜି କରିବା ପରେ ମଧ୍ୟ ବାଇକ୍ ନ ପାଇବାରୁ ନିକଟରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ। ବରପକ୍ଷ କ୍ୟାମେରା ମ୍ୟାନ ପିଲାଙ୍କ ମଧ୍ୟରୁ ଜଣେ ଯୁବକ ବାଇକ ଲକ୍ ଭାଙ୍ଗି ଲୁଟି ନେଇଯାଇଥିବା ଦେଖିବାକୁ ପାଇଥିଲେ। ବାହାଘର ସରିବା ପରେ କ୍ୟାମେରାମ୍ୟାନ ଭାବେ ଆସିଥିବା ଅନ୍ୟ ଯୁବକଙ୍କୁ ଅଟକାଇ ରଖିବା ସହିତ ଏ ନେଇ ଉଦଳା ପୋଲିସକୁ ଖବର ଦେଇଥିଲେ। ପୋଲିସ ୪ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି।

